# ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ଭଦ୍ରକ


ଭଦ୍ରକ ସହରରେ ଅନୁଷ୍ଠିତ ଗଣଦୌଡ଼ରେ ସାମିଲ ହୋଇଥିବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

ଭଦ୍ରକ, ୨୩।୩
(ସନାତନ ରାଉତ/ରବିନାରାୟଣ ଖିଲାର)

## ମାତୃଭୂମି ପାଇଁ ଗଣଦୌଡ଼

ଐତିହାସିକ ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ରବିବାର ମାତୃଭୂମି ପାଇଁ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟାରେ ଗଣଦୌଡ଼ ଆରମ୍ଭ ହୋଇଥିବା ବେଳେ ଭଦ୍ରକ ସହରର ମୁଖ୍ୟରାସ୍ତା ଗେରୁଆମୟ ହେବା ସହ ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ହାତରେ ଗେରୁଆ ପତାକା ଓ ମୁଣ୍ଡରେ ଗେରୁଆ ପଟି ବାନ୍ଧି ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରୀରାମଭକ୍ତ ଏଥିରେ ସାମିଲ ହୋଇଥିଲେ। ଜିଲାପାଳଙ୍କ ଅଫିସ ନିକଟସ୍ଥ ତାରିଣୀ ମନ୍ଦିରଠାରୁ ଭଦ୍ରକ ବାଇପାସ୍ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ହୋଇଥିଲା ଏହି ଗଣଦୌଡ଼। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଏମ୍‌ପି ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ, ଭାଜପା ଜିଲା ସଭାପତି ଭଗବାନ ପଣ୍ଡା ପ୍ରମୁଖ ଏଥିରେ ସାମିଲ ଥିଲେ। ସେହିପରି ପଣ୍ଡିତ ବୀରେନ୍ଦ୍ର ପଣ୍ଡା, ସଂଗ୍ରାମ ଆଚାର୍ଯ୍ୟ, ଅଜୟ ନାୟକ, ଭାଜପା ନେତା ସୁଧାଂଶୁ ଶେଖର ନାୟକ, ବଦ୍ରିନାରାୟଣ ଧଳ, ହେମନ୍ତ ପାଢ଼ୀ, ଦୀନବନ୍ଧୁ ପତି, ବାଣୀକଲ୍ୟାଣ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପାଣି, ପ୍ରାକ୍ତନ ବିଧାୟକ ନରେନ ପଲେଇ, କଂଗ୍ରେସ ଯୁବନେତା ଅସିତ୍ ପଟ୍ଟନାୟକ, ଶ୍ରୀରାମ ମହାଯଜ୍ଞ ସମିତିର ସଭାପତି ଆଇନଜୀବୀ ନିତ୍ୟାନନ୍ଦ ନାୟକ, ବ୍ୟୋମକେଶ ସେନାପତି, ସ୍ୱାଧୀନ ସୁନ୍ଦର ଦାସ, ଶରତ ପଢ଼ିଆରୀ, ଗୋବିନ୍ଦ ରାଉତ, ପ୍ରଦୀପ୍ତ ବିଶ୍ୱାଳଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ସ୍କୁଲ କଲେଜ ଛାତ୍ରୀଛାତ୍ର ଓ ସମସ୍ତ ବର୍ଗର ଲୋକେ ଗଣଦୌଡ଼ରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ଏପ୍ରିଲ ୬ରେ ମହୋତ୍ସବ ସମିତି ପକ୍ଷରୁ ବିଶାଳ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ହେବାକୁ ଥିବାବେଳେ ଗଣଦୌଡ଼ରୁ ମହୋତ୍ସବର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ବୋଲି ସମିତି ପକ୍ଷରୁ କୁହାଯାଇଛି।

# ସାଂସ୍କୃତିକ ପରିଷଦ ପକ୍ଷରୁ ବାଦୀପାଲା

ଧାମନଗର, ୨୩।୩
(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକର ଭଗବାନପୁର ମା' ବୁଢ଼ୀ ଜାଗୁଲାଇ ସାଂସ୍କୃତିକ ପରିଷଦ ପକ୍ଷରୁ ବୁଢ଼ୀ ଜାଗୁଲାଇ ମନ୍ଦିର ପ୍ରାଙ୍ଗଣରେ ୪ ଦିନ ବ୍ୟାପୀ ଐତିହାସିକ ବାଦୀପାଲା ପରିବେଷଣ ହେଉଛି। ଶନିବାରଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ନୀତି ଅନୁସାରେ କଳସ ପୂଜା, ଚଣ୍ଡୀପାଠ, ହୋମଯଜ୍ଞ ଓ ପୂଜାର୍ଚ୍ଚନା କରାଯାଇଥିଲା। ଶନିବାର ଅଧିବାସ ରାତ୍ରରେ ଖ୍ୟାତିସମ୍ପନ୍ନ ପାଲାଗାୟକ ଯୁବଜ୍ୟୋତି ଦୁର୍ଯ୍ୟୋଧନ ନାୟକ ଓ ସାଥୀ ପାଲା ପରିବେଷଣ କରିଥିଲେ। ରବିବାର ରାତିରେ ଗାୟକ ଜ୍ଞାନସିନ୍ଧୁ ସୁବାସ ଚନ୍ଦ୍ର ସେନାପତି ପାଲା ପରିବେଷଣ କରିଥିଲେ। ରବିବାର ଅନୁଷ୍ଠିତ ପାଲା କାର୍ଯ୍ୟକ୍ରମରେ ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସାଂସ୍କୃତିକ ପରିଷଦ ସଦସ୍ୟ ସୋମନାଥ ଶଙ୍ଖୁଆ, ଶମ୍ଭୁନାଥ ସାହୁ, ଗୋବିନ୍ଦ ଚନ୍ଦ୍ର ବେହେରା, ଦିବାକର ମହାପାତ୍ର, ଗଣେଶ ପ୍ରସାଦ ସାହୁ, ବିଦ୍ୟାଧର ପାତ୍ର, ଲକ୍ଷ୍ମୀଧର ଲେଙ୍କା, ବାବାଜୀ ଚରଣ ସେଠୀ, ଉଦୟନାଥ ମହାପାତ୍ର ପ୍ରମୁଖ ପରିଚାଳନା କରୁଛନ୍ତି।

# ଶହୀଦ ଦିବସ ସ୍ମାରକୀ ସମାରୋହ

ଭଦ୍ରକ, ୨୩।୩ (ସନାତନ ରାଉତ)

ବ୍ରିଟିଶ ବିରୋଧରେ ସାଲିସବିହୀନ ଲଢ଼େଇ କରି ଲାହୋର କେନ୍ଦ୍ରୀୟ ଜେଲରେ ଫାଶୀ ପାଇଥିବା ମହାନ୍ କ୍ରାନ୍ତିକାରୀ ଶହୀଦ ଭଗତ ସିଂ, ସୁଖଦେବ ଓ ରାଜଗୁରୁଙ୍କ ଶହୀଦ ଦିବସ ସ୍ମାରକୀ ସମାରୋହ ଭଦ୍ରକ ଜିଲା ସଂସ୍କୃତି ଭବନରେ ରବିବାର ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହୋଇଯାଇଛି। ହେତୁବାଦୀ ମାନବବାଦୀ ସଙ୍ଗଠନ ଓ ଭଦ୍ରକ ଛାତ୍ର ମଞ୍ଚ ପକ୍ଷରୁ ସଙ୍ଗଠନର ଜିଲା ସଭାପତି ପ୍ରାଧ୍ୟାପକ ପ୍ରହ୍ଲାଦ ପତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସମ୍ପାଦିକା ବାସନ୍ତୀ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ଓ ବିଶିଷ୍ଟ ଲେଖକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ବକ୍ତା ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଯୁବ ଆଇନଜୀବୀ ଦୀପକ ମହାପାତ୍ର, ବରିଷ୍ଠ ଆଇନଜୀବୀ ରଞ୍ଜନ ନାୟକ, ପର୍ଶୁରାମ ଦ୍ୱିବେଦୀ, ଶ୍ରମିକ ନେତା ଦିବ୍ୟସିଂହ ନାୟକ, ସଙ୍ଗଠନର ସମ୍ପାଦକ ଗିରିଧାରୀ ନାଥ, ଉପସଭାପତି ଅଗଣୀ ଚରଣ ଯେନା, ଭଦ୍ରକ ଛାତ୍ର ମଞ୍ଚ ସଭାପତି ବିକାଶ ନାଥ, ସମ୍ପାଦିକା ରୁଚିସ୍ମିତା ବାରିକ, ଶିକ୍ଷକ ନେତା ଚିତ୍ରଭାନୁ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଭାରତରେ ବୈଜ୍ଞାନିକ ସମାଜବାଦ ପ୍ରତିଷ୍ଠା ପାଇଁ ଭଗତ୍ ସିଂ ଯେଉଁ ଲକ୍ଷ୍ୟ ନେଇ ଲଢ଼େଇ କରିଥିଲେ, ଯୁବକମାନେ ସେହି ଲକ୍ଷ୍ୟରେ ଲଢ଼େଇ କରିବାକୁ ଆଗେଇ ଆସିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ।

# ସରିଲା ବାଲିମେଦ ଦୋଳ ମହୋତ୍ସବ


ଉଦ୍‌ଯାପନୀ ସନ୍ଧ୍ୟାରେ ନୃତ୍ୟ ପରିବେଷଣ କରୁଛନ୍ତି କଳାକାର।

ସାବରଙ୍ଗ, ୨୩।୩ (କାଳିପଦ ରାୟ)

ସାମ୍ପ୍ରତିକ ସମୟରେ ମଣିଷ ନିଜସ୍ୱ ଚିନ୍ତାଧାରା ଓ ଆଧୁନିକତାର ଦ୍ୱାହି ଦେଇ ସାହି, ପଡ଼ୋଶୀ, ଭାଇ ବନ୍ଧୁଙ୍କଠାରୁ ଦୂରେଇ ଯାଉଛି। ଯୌଥ ପରିବାର ଆଉ ନାହିଁ। ଗାଁରେ ଆଉ ପୂର୍ବ ପରି ଭାଗବତ ଟୁଙ୍ଗୀରେ ଭାଗବତ ପଢ଼ାଯାଉନି କି ମନ୍ଦିରରେ କୀର୍ତ୍ତନ ହେଉନି। ନିଜ କାମରେ ସମସ୍ତେ ବ୍ୟସ୍ତ ଓ ବିବ୍ରତ। ଏହି ପରିପ୍ରେକ୍ଷୀରେ ଗାଁ ମହୋତ୍ସବରେ ସମସ୍ତେ ଏକାଠି ହେବା ସହ ପରସ୍ପର ଭିତରେ ଥିବା ମାନ, ମନାନ୍ତର ଦୂର କରି ନୂତନ ଆଶା ଓ ସମ୍ଭାବନା ସୃଷ୍ଟି ହୁଏ ବୋଲି ବାଲିମେଦ ଦୋଳ ମହୋତ୍ସବର ଉଦ୍‌ଯାପନୀ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ରାତିରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଏବଂ ଅନ୍ୟତମ ଅତିଥି ଭାବେ ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ପଳିତା, ଦୀନବନ୍ଧୁ ଦାସ, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ଘଡ଼େଇ, ବଂଶୀଧର ଶତପଥୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ମନ୍ତେଇ ନଦୀ କୂଳରେ ମହାତ୍ମା ଗାନ୍ଧୀ ଅବସ୍ଥାନ କରିଥିବା ଚାରବାଟିଆ ଘାଟ, ଭେଡ଼ା ୪୨ ମୌଜାର ପ୍ରତ୍ୟକ୍ଷ ଦେବୀ ମା' ଭେଡ଼ାନାୟକାଣୀଙ୍କ ପାଇଁ ଅଞ୍ଚଳବାସୀ ଗର୍ବିତ ହେବା ସହ ଅଞ୍ଚଳର ବିକାଶ ଲାଗି ଏକଜୁଟ ହୋଇ କାର୍ଯ୍ୟ କରିବା ଉଚିତ ବୋଲି ମୁଖ୍ୟଅତିଥି କହିଥିଲେ। ପରେ ଖୋର୍ଦ୍ଧା ଭଗବତୀ ଗ୍ରୁପ୍, ବାଲିମେଦ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଏବଂ ସ୍ଥାନୀୟ ଅଞ୍ଚଳର କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ସରପଞ୍ଚ ସଂଯୁକ୍ତା ଦାସ, ସୁଶାନ୍ତ ମହାନ୍ତି, ରଶ୍ମିରଞ୍ଜନ ମହାନ୍ତି, ସୌମ୍ୟସ୍ମିତ ଦାସ, ନରେନ ବିଶ୍ୱାଳ, କମଳାକାନ୍ତ ଦାସ, ଦେବେନ୍ଦ୍ର ନାୟକ, ପ୍ରଶାନ୍ତ ପଟ୍ଟନାୟକ, ରଞ୍ଜନ କୁମାର ବାରିକ୍, ବିଜୟ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

ସାବରଙ୍ଗ, ୨୩।୩ (କାଳିପଦ ରାୟ)

ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ଅଧୀନ ଜଗନ୍ନାଥପ୍ରସାଦ ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଜଣେ ଯୁବକ ପ୍ରତାରଣା କରିଛନ୍ତି। ପ୍ରତାରଣାର ଶିକାର ହେବା ପରେ ଯୁବତୀ ଜଣକ ଶନିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଯୁବକ ଜଣକ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ସେ ବିବାହ କରିବାକୁ କହିବାରୁ ଉକ୍ତ ଯୁବକ ଆଉ ଧରାଛୁଆଁ ଦେଇ ନ ଥିବା ଯୁବତୀ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଅଭିଯୁକ୍ତ ଭଦ୍ରକ ଚରମ୍ପା ଅଞ୍ଚଳର ଉକ୍ତ ଯୁବକଙ୍କ ନାଁରେ ଏକ ମାମଲା (ନଂ.୬୩/୨୫) ରୁଜୁ କରିଛି। ଯୁବତୀଙ୍କ ଡାକ୍ତରୀମାଇନା କରାଯାଇ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ମହେଶ୍ୱର ପ୍ରଧାନ କହିଛନ୍ତି।

# 'ନଦୀ ଆମ ସଭ୍ୟତା, ସଂସ୍କୃତିର ମୂଳପିଣ୍ଡ'


ମନ୍ତେଇ ମହୋତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।

ବାସୁଦେବପୁର/ସାବରଙ୍ଗ, ୨୩।୩
(ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)

## ମନ୍ତେଇ ମହୋତ୍ସବ ଆରମ୍ଭ

ବାସୁଦେବପୁରର ରାଜଘରପୋଖରୀଠାରେ ସାଧନା ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ମନ୍ତେଇ ମହୋତ୍ସବ ରବିବାର ଆରମ୍ଭ ହୋଇଛି। ଭେଡ଼ା ଅଞ୍ଚଳ ଦେଇ ପ୍ରବାହିତ ହୋଇଥିବା ନଦୀ ମନ୍ତେଇ ନାମରେ ମହୋତ୍ସବ ନାମିତ କରାଯାଇଛି। ପୂର୍ବାହ୍ନ ୧୧ଟା ୩୦ରେ ଉଦ୍‌ଘାଟକ ଭାବେ ତ୍ୟାଗଭୂମି ମହୋତ୍ସବର ସଭାପତି ଅଜୟ ନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ଅବସରରେ କହିଥିଲେ, ନଦୀ ହେଉଛି ଆମ ପ୍ରାଚୀନ ସଭ୍ୟତା ଓ ସଂସ୍କୃତିର ମୂଳପିଣ୍ଡ। ମନ୍ତେଇ ନଦୀ ଏହି ଅଞ୍ଚଳର ଗର୍ବ, ଗୌରବ ଓ ଇତିହାସର ମୂକସାକ୍ଷୀ। ମୁଖ୍ୟଅତିଥି ଭାବେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଯୋଗଦେଇ ନଦୀ ଭଳି ମଣିଷ ଜୀବନ ଏକ ପ୍ରବାହମାନ ସ୍ରୋତ ବୋଲି କହିଥିଲେ। ବରେଣ୍ୟ ଅତିଥି କବି ପୀତାମ୍ବର ତରାଇ ଓ ଅନ୍ୟତମ ଅତିଥି ଭାବେ ଅସିତ୍ ମୋହନ ପଟ୍ଟନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସାଧନାର ସଭାପତି ବିଜୟ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଶ୍ରୀଗୋବିନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ଅତିଥି ଭାବେ କବି ଶ୍ରୀଦେବ, ସୁଚିତ୍ରା ପାଣିଗ୍ରାହୀ, ଶିଶିର ବେହେରା, କିଶୋର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ସରୋଜ ବଳ ମଞ୍ଚ ସଂଯୋଜନା କରିଥିଲେ। ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ଗବେଷକ ଦେବେନ୍ଦ୍ର ମାଝୀଙ୍କୁ 'ମନ୍ତେଇ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ଅମିତ ମଲ୍ଲିକଙ୍କୁ ସ୍ୱର୍ଗତ ପଦ୍ମଲୋଚନ ନାୟକ ସମ୍ମାନ ଓ ଅଜୟ କୁମାର ରାଉତଙ୍କୁ ସ୍ୱର୍ଗତ ବିଷ୍ଣୁ ସେଠୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। କବି ଭାସ୍କର ଚନ୍ଦ୍ର ବାରିକ୍, ସୁରଚିତା ମହାନ୍ତି, ବିପ୍ଳବ ପତିଙ୍କ ସମେତ ସାହିତ୍ୟିକମାନେ ଯୋଗ ଦେଇଥିଲେ।

# କାବ୍ୟ ଚେତନାରେ ନୂଆ ଦିଗର ସ୍ରଷ୍ଟା ଥିଲେ ରମାକାନ୍ତ

ଭଦ୍ରକ, ୨୩।୩ (ସନାତନ ରାଉତ)

କବି ରମାକାନ୍ତ ରଥ ଭାରତୀୟ କାବ୍ୟ ଚେତନାରେ ଏକ ନୂଆ ଦିଗର ସ୍ରଷ୍ଟା ଥିଲେ ବୋଲି ଭଦ୍ରକ ପୂଜ୍ୟପୂଜା ସଂସଦ ଏବଂ ଓରିଏଣ୍ଟ ପବ୍ଲିସର୍ସର ମିଳିତ ଆନୁକୂଲ୍ୟରେ ପୂର୍ବରାଗ ପକ୍ଷରୁ ରବିବାର ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ରମାକାନ୍ତ ରଥଙ୍କ ସ୍ମୃତି ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭଦ୍ରକ ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲାପାଳ ଦିଲୀପ ରାଉତରାଏ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଶୀର୍ଷକ ଆଲୋଚନାରେ କଥାକାର ପବିତ୍ର ପାଣିଗ୍ରାହୀ, ଅଧ୍ୟାପକ ଡ. ସମ୍ବିତ ଶୁଭଙ୍କର ଖୁଣ୍ଟିଆ ଓ ଅଧ୍ୟାପକ ନଳିନୀକାନ୍ତ ପାଢ଼ୀ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ରୂପକ ବିହାରୀ ରାୟ କାର୍ଯ୍ୟକ୍ରମର ଆଭିମୁଖ୍ୟ ସହ ସାହିତ୍ୟକୁ ସ୍ୱର୍ଗତ ରଥଙ୍କ ଅବଦାନ ସମ୍ପର୍କରେ କହିଥିଲେ। ଏହି ଅବସରରେ ସ୍ୱର୍ଗତ ରଥଙ୍କ ଉପରେ ରଚିତ ମନୋଗ୍ରାଫ 'ରମାକାନ୍ତ ରଥ: ଅବ୍ୟକ୍ତର ଲିପିକାର' ଉନ୍ମୋଚନ କରାଯାଇଛି। ଅଧ୍ୟାପକ ଦତ୍ତାତ୍ରେୟ ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ବୈକୁଣ୍ଠ ବିଶ୍ୱାଳ ମଞ୍ଚ ଆମନ୍ତ୍ରଣ କରିଥିଲେ।


ଅତିଥିମାନେ ମନୋଗ୍ରାଫ୍ ଉନ୍ମୋଚନ କରୁଛନ୍ତି।

# ଛାତ୍ରୀଛାତ୍ର ଭଲ ମଣିଷ ହେବାକୁ ପରାମର୍ଶ

ବାସୁଦେବପୁର, ୨୩।୩ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବେତଡ଼ାସ୍ଥିତ ପ୍ରଶାନ୍ତି ଶିଶୁବିହାରର ବାର୍ଷିକ ସମାରୋହ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ଛାତ୍ରୀଛାତ୍ର ଭଲ ମଣିଷ ହେଲେ ଶିକ୍ଷାର ମୌଳିକ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ସରପଞ୍ଚ ଗୋବିନ୍ଦ ମଳିକ, ସିଆର୍‌ସିସି ପ୍ରଶାନ୍ତ ମଳିକ, ପରିଚାଳନା କମିଟି ଅଧ୍ୟକ୍ଷ ସଞ୍ଜୀବ କୁମାର ପାଣିଗ୍ରାହୀ ଓ ଅନୀତା ପଣ୍ଡା ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ବିଜନ ମହାପାତ୍ର ବିବରଣୀ ପାଠ ଓ ଦୈତାରୀ ବେହେରା ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଫେନିଳା ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶହୀଦ ଭଗତ ସିଂଙ୍କ ବଳିଦାନ ଦିବସ

ଚାନ୍ଦବାଲି, ୨୩।୩ (ଅଶୋକ ପଣ୍ଡା)

ଚାନ୍ଦବାଲି ବସ୍‌ଷ୍ଟାଣ୍ଡ ନିକଟସ୍ଥ ଭଗତ ସିଂ ପାଠାଗାର ସଭାଗୃହରେ ରବିବାର ପୂର୍ବାହ୍ନ ୧୦ଟାରେ ଶହୀଦ ଭଗତ ସିଂଙ୍କ ବଳିଦାନ ଦିବସ ପାଳନ କରାଯାଇଛି। ଏହି ଅବସରରେ ସାଥୀ ବ୍ରହ୍ମାନନ୍ଦ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ମାର୍କ୍ସବାଦୀ ନେତା ସାଥୀ ରବି ପଟ୍ଟନାୟକ ଯୋଗଦେଇ ଭଗତ ସିଂଙ୍କ ବୈପ୍ଳବିକ କାର୍ଯ୍ୟକଳାପ ସମ୍ପର୍କରେ ଆଲୋକପାତ କରିଥିଲେ। ସାଥୀ ମଳୟ ଭୋଇ, ଗୌରାଙ୍ଗ ଜେନା, ଚକ୍ରଧର ଦାସ, ସୁବାସ ସ୍ୱାଇଁ, ସୃଷ୍ଟିଧର ବିଶ୍ୱାଳ ଓ ପ୍ରଭାକର ବିଶ୍ୱାଳ ଭଗତ ସିଂଙ୍କ ବୈପ୍ଳବିକ ଜୀବନ ଦର୍ଶନ ଉପରେ କହିଥିଲେ। ପ୍ରାରମ୍ଭରେ ଶହୀଦ ଭଗତ ସିଂ, ରାଜଗୁରୁ, ଓ ଶୁଖଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

# 'ବରିଷ୍ଠଙ୍କ ବୁଦ୍ଧି, ଯୁବକଙ୍କ ବଳ ମିଶି ଆଣିଥାଏ ପରିବର୍ତ୍ତନ'

ତିହିଡ଼ି, ୨୩।୩ (ସଞ୍ଜିତ ବଳ)

ଯୁବପିଢ଼ିକୁ ସଚେତନ କରିବା ପାଇଁ ବରିଷ୍ଠ ନାଗରିକମାନେ ଦାୟିତ୍ୱ ସମ୍ପନ୍ନ ହେବା ଆବଶ୍ୟକ। ବରିଷ୍ଠଙ୍କ ବୁଦ୍ଧି ଏବଂ ଯୁବକଙ୍କ ବଳ ମିଶି ସମାଜରେ ପରିବର୍ତ୍ତନ ଆଣିଥାଏ ବୋଲି ତିହିଡ଼ି ବରିଷ୍ଠ ନାଗରିକ ସଂଘର ୪ର୍ଥ ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ରବିବାର ପୂର୍ବାହ୍ନ ୧୧ଟାରେ ତିହିଡ଼ିସ୍ଥିତ ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ବରିଷ୍ଠମାନେ ନିଜ ଭାବନା ସହ ସମାଜକୁ ସହଭାଗୀ କରିବା ଆବଶ୍ୟକ ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ବରିଷ୍ଠ ନାଗରିକ ମହାସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି, ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର, ଅନ୍ୟତମ ସମ୍ପାଦକ ପଦ୍ମନ ରାୟ, ପଣ୍ଡିତ ଦୈତାରୀ ମହାପାତ୍ର ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନେ ସମାଜକୁ ସୁଧାରିବାରେ ପ୍ରମୁଖ ଭୂମିକା ନେଇଥାନ୍ତି ବୋଲି କହିଥିଲେ। କବି ଦୀନବନ୍ଧୁ ପତି, ଡ. ଲକ୍ଷ୍ମୀଧର ତ୍ରିପାଠୀ, ମହମ୍ମଦ ଫାରୁକ, ତ୍ରୈଲୋଚନ ଜେନା, ହରେକୃଷ୍ଣ ଜେନା, ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ମହାପାତ୍ର, ଅନାଦି ବେହେରା, ମଥୁରା ମୋହନ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ବିଭିନ୍ନ ଜୋନ୍‌ରୁ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ସଂଘର ମୁଖପତ୍ର 'ବର୍ଷୀୟାନ'କୁ ଉନ୍ମୋଚନ କରିଥିଲେ। ସଂଘର ସମ୍ପାଦକ ବିଭୂତି ଭୂଷଣ ସେନାପତି ବିବରଣୀ ପାଠ କରିଥିବା ବେଳେ ସାମାଜିକ କର୍ମୀ ରଘୁନାଥ ପାତ୍ର ଅତିଥି ପରିଚୟ ଓ ସୁରେନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ଦିବଂଗତ ବରିଷ୍ଠ ନାଗରିକଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧାଂଶୁ ନାୟକଙ୍କ ପରିଚାଳନାରେ ଛାତ୍ରୀମାନେ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ସଚିକାନ୍ତ ନାୟକ, ପି. ହୃଷୀକେଶ, ନିତ୍ୟାନନ୍ଦ ମଲ୍ଲିକ, ବିଶ୍ୱମୈତ୍ରୀ ନାୟକ, କୃତ୍ତିବାସ ଜେନା, ନରହରି ନାୟକ, ଗୟାଧର ବଳ, କୁଳମଣି ସାହୁ ପ୍ରମୁଖ ବରିଷ୍ଠ ନାଗରିକ ସହଯୋଗ କରିଥିଲେ।


ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

# ଜିଲାସ୍ତରୀୟ ନିଯୁକ୍ତି ମେଳାରେ ୨ହଜାର ଆଶାୟୀ

ଭଦ୍ରକ, ୨୩।୩
(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ମଠସାହି ପଡ଼ିଆରେ ରବିବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ଜିଲାସ୍ତରୀୟ ନିଯୁକ୍ତି ମେଳାରେ ୨ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ଆଶାୟୀ ଯୋଗ ଦେଇଛନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ନିଯୁକ୍ତି ମେଳାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ ଓ ଅନ୍ୟତମ ଅତିଥି ଭାବେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଯୋଗଦେଇ ସବୁ ଷ୍ଟଲ୍ ପରିଦର୍ଶନ କରିବା ସହ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥିମାନଙ୍କ ସହ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ କୁମାର ସାମଲ ଓ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅନୀଲ କୁମାର ଯୋଗଦେଇ ବେକାରୀ ସମସ୍ୟା ଦୂରୀକରଣ ଦିଗରେ ନିଯୁକ୍ତି ମେଳା ଜରିଆରେ ମିଳୁଥିବା ସୁଯୋଗକୁ ନିଯୁକ୍ତି ଆଶାୟୀମାନେ ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ନିଜର ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ସନ୍ଧାନରେ ଥିବା ଆଶାୟୀମାନେ ସଫଳତା ହାସଲ କରିପାରିବେ ବୋଲି ଜିଲାପାଳ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଜିଲା ଦକ୍ଷତା ବିକାଶ ନିୟୋଜନ ଅଧିକାରିଣୀ ଅନୀତା ନାୟକ ସ୍ୱାଗତ ଭାଷଣ ଦେବା ସହ ନିଯୁକ୍ତି ଓ ଦକ୍ଷତା ବିକାଶର ସୁବିଧା ସୁଯୋଗ ବିଷୟରେ ସୂଚନା ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ ୧୦ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଥିଲେ। ମେଳାରେ ଦକ୍ଷତା ବିକାଶ ପ୍ରଦାନକାରୀ ୧୫ଟି ସଂସ୍ଥା ଓ ନିଯୁକ୍ତି ପ୍ରଦାନକାରୀ ୩୫ଟି ସଂସ୍ଥା ଅଂଶଗ୍ରହଣ କରିଥିଲା। ଅନ୍‌ଲାଇନରେ ପଞ୍ଜୀକୃତ ୩୫୧୫ ଆଶାୟୀଙ୍କ ମଧ୍ୟରୁ ୧୧୩୨ ଓ ଅଫ୍‌ଲାଇନରେ ପଞ୍ଜୀକୃତ ୧୨୭୪ ମୋଟ ୨୪୦୬ ଜଣ ନିଯୁକ୍ତି ଆଶାୟୀ ଯୋଗ ଦେଇଥିଲେ। ୩୬ ଜଣଙ୍କୁ ତତ୍କାଳ ନିଯୁକ୍ତି ପ୍ରଦାନ କରାଯାଇଥିବା ବେଳେ ୧୨୭୪ଜଣଙ୍କୁ ନିଯୁକ୍ତି ପାଇଁ ବିଭିନ୍ନ କମ୍ପାନୀ ତାଲିକାଭୁକ୍ତ କରିଛନ୍ତି। ଧାମନଗର ବିଡିଓ ବନବିହାରୀ ଦିଣ୍ଡା, ଭଦ୍ରକ ବିଡିଓ ରଶ୍ମିରଞ୍ଜନ ମଲ୍ଲିକ, ବାସୁଦେବପୁର ବିଡିଓ ତନ୍ମିତା କର, ଓରମାସ୍‌ର ଉପ ମୁଖ୍ୟ ନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ରାଉତ, ଜିଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନିଯୁକ୍ତି ମେଳାକୁ ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ଭଉଣୀ ଘରକୁ ବୁଲିବାକୁ ଆସି ପୋଖରୀରେ ବୁଡ଼ିଗଲେ ଭାଇ

କେନ୍ଦୁଝର,୨୩।୩(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ନରଣପୁର ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଜଣେ ନାବାଳକ ଭଉଣୀ ଘରକୁ ବୁଲିବାକୁ ଆସି ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ଦୈତାରୀ ଥାନା ଟାଙ୍ଗିରିଆ ପାଳର ସମୀର ବେହେରା (୧୬)। ସମୀର ଘର ଲୋକଙ୍କ ସହିତ କେନ୍ଦୁଝର ନରଣପୁର ରତ୍ନାସାହିରେ ରହୁଥିବା ଭଉଣୀଙ୍କ ଘରକୁ ଆସିଥିଲେ। ରବିବାର ସକାଳରେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ଅସାବଧାନତାବସତଃ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ଅପରାହ୍ଣ ପ୍ରାୟ ୧ଟା ୩୦ରେ ମୃତଦେହ ଜବତ କରିଥିଲା। ଘଟଣାକୁ ନେଇ ଉକ୍ତ ଅଞ୍ଚଳରେ ଶୋକର ଛାଇ ଖେଳିଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ତଦନ୍ତ କରୁଛି।

### କ୍ରୀଡ଼ା ପରିବାରର ବନ୍ଧୁମିଳନ

ପାଟଣା,୨୩।୩(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ପ୍ରାଚୀନ ପର୍ଯ୍ୟଟନସ୍ଥଳ ଭୀମକୁଣ୍ଡଠାରେ ରବିବାର ମୟୂରଭଞ୍ଜ, ସୁନ୍ଦରଗଡ଼ ଏବଂ କେନ୍ଦୁଝରର କ୍ରୀଡ଼ା ଅନୁଷ୍ଠାନର ପ୍ରମୁଖ ସଦସ୍ୟ ଏବଂ କ୍ରୀଡ଼ା ସହ ଜଡିତ ସଦସ୍ୟଙ୍କୁ ନେଇ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ସଭାରେ ବରିଷ୍ଠ କ୍ରୀଡ଼ାବିତ୍ ବୀରେନ୍ଦ୍ର ମହାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ କୁଡୁମୀ ସେନା ରାଜ୍ୟ ଉପ ସଭାପତି ମିତ୍ରଭାନୁ ମହାନ୍ତ, ସମ୍ମାନିତ ଅତିଥିଭାବେ ରେଫରୀ ଜଗବନ୍ଧୁ ମହାନ୍ତ, ଗୌରହରି ମହାନ୍ତ, ଯତୀନ ମହାନ୍ତ, କୃଷ୍ଣଚନ୍ଦ୍ର ମହାନ୍ତ, ଜନ୍ମେଜୟ ବେହେରା, ପ୍ରଶ୍ନ ନାଏକ, ଗଜାନନ ପାତ୍ର, ବାବୁଲା ନାୟକ, କ୍ଷମାକର ମୁଣ୍ଡା, ପ୍ରଦୀପ ମାଝୀ , ଅରୁଣ ମହାନ୍ତ, ବୁଲବୁଲ ଆପଟ, କ୍ଷୀରୋଦ କୁମାର ଗିରି ପ୍ରମୁଖ ଯୋଗଦେଇଥିଲେ। ଅବସର ପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଗୌରହରି ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆଦିବାସୀଙ୍କୁ ସ୍ୱାବଲମ୍ବୀ କରିଛି ଷ୍ଟ୍ରବେରି

### ଜୀବିକା ମିଶନରୁ ଆନୁଷଙ୍ଗିକ ସହାୟତା ମିଳୁଛି

କେନ୍ଦୁଝର,୨୩।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ଥଣ୍ଡା ପରିବେଶରେ ଚା, କଫି, ଅଙ୍ଗୁର, ସେଓ ଭଳି ଫଳ ଚାଷ ସଫଳତାର ସହ ହୋଇପାରିଛି। ଏବେ ଆଦିବାସୀ ଅଧ୍ୟୁଷିତ ହରିଚନ୍ଦନପୁର ବ୍ଲକ୍‌ରେ ପ୍ରଥମଥର ପାଇଁ ବ୍ୟବସାୟିକ ଷ୍ଟ୍ରବେରି ଚାଷ ଆରମ୍ଭ ହୋଇଛି। ପ୍ରାୟ ୬ ଏକର ଜମିରେ ୬୦ ହଜାର ଚାରାରୋପଣ ପରେ ଉତ୍ପାଦନ ଆରମ୍ଭ ହୋଇଛି। ବିଶେଷକରି ଆଦିବାସୀମାନେ ଷ୍ଟ୍ରବେରି ଚାଷକରି ସ୍ୱାବଲମ୍ବୀ ହୋଇପାରିଥିବାରୁ ଆସନ୍ତାବର୍ଷ ତେଲକୋଇ ଓ ସାହାରପଡ଼ା ବ୍ଲକ୍‌ରେ ଷ୍ଟ୍ରବେରି ଚାଷ କରାଯିବା ନେଇ ପ୍ରଶାସନ ଆଶା ରଖିଛି।

ପ୍ରକାଶ ଯେ, କେନ୍ଦୁଝର ଜିଲା ଆଦିବାସୀ ବହୁଳ ହରିଚନ୍ଦନପୁର ବ୍ଲକ୍ ଜୁଙ୍ଗା ପଞ୍ଚାୟତର ଜୁଙ୍ଗା ଏବଂ ବଲାଣିପଶି ଗ୍ରାମରେ ୬ ଏକର ଜମିରେ ପରୀକ୍ଷାମୂଳକ ଭାବେ ଚାଷ କରାଯାଇଛି। ପ୍ରତି ଗଛରେ ଚଳିତବର୍ଷ ୨ଶହ ପର୍ଯ୍ୟନ୍ତ ଫଳ ଉତ୍ପାଦନ ହେବା ଲକ୍ଷ୍ୟ ରହିଥିବା ବେଳେ ଦୈନିକ ୨୦ କି.ଗ୍ରା.ରୁ ଅଧିକ ପର୍ଯ୍ୟନ୍ତ ଫଳ ଅମଳ


ମହିଳା ଚାଷୀମାନେ କ୍ଷେତରୁ ଷ୍ଟ୍ରବେରୀ ତୋଳୁଛନ୍ତି।

ହେଉଛି। ଏଥିପାଇଁ କେନ୍ଦୁଝର ସହରର ପ୍ରମୁଖ ସ୍ଥାନରେ ୨୦୦ ଗ୍ରାମ ଷ୍ଟ୍ରବେରିର ମୂଲ୍ୟ ୧୦୦ ଟଙ୍କା ରଖାଯାଇଛି। ପ୍ରତ୍ୟେକ ଚାରାରୁ ୩ ବର୍ଷ ପର୍ଯ୍ୟନ୍ତ ଷ୍ଟ୍ରବେରି ଫଳିବ। ପ୍ରଥମ ପର୍ଯ୍ୟାୟରେ ଷ୍ଟ୍ରବେରି ଚାଷରୁ ସଫଳ ମିଳିବା ପରେ ଆସନ୍ତା ବର୍ଷ ତେଲକୋଇ ଓ ସାହାରପଡ଼ା ବ୍ଲକରେ ୩୦ ଏକର ଜମିରେ ଷ୍ଟ୍ରବେରି ଚାଷ କରାଯିବ। ଷ୍ଟ୍ରବେରି ଶୀତ କିମ୍ବା ଗ୍ରୀଷ୍ମ ପୂର୍ବରୁ ଅମଳ ହୋଇଥାଏ। ଥରେ ଚାରାରୋପଣ କଲେ ୩ ବର୍ଷ ପର୍ଯ୍ୟନ୍ତ ଫଳ ହୋଇଥାଏ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଦ୍ୱାରା ଏହି ୨ ଗ୍ରାମର କେତେଜଣ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହାୟତା କରାଯାଇଛି। ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ମଧ୍ୟ ସହାୟତା ପ୍ରଦାନ କରାଯାଇଛି। ଜୈବିକ ଖତ ସହ ଔଷଧ ଏବଂ ବୁନ୍ଦା ଜଳ ବ୍ୟବସ୍ଥା ପାଇଁ ଆଇଟିଡିଏ ସଂସ୍ଥା ସହାୟତା କରିଛି ବୋଲି ଉତ୍ସାହିତ ଚାଷୀ କହିଛନ୍ତି। ସରକାର ପ୍ରୋତ୍ସାହନ ଦେଇଥିବାରୁ ଉକ୍ତ ଚାଷ କରିବାକୁ ଗ୍ରାମର ଆଦିବାସୀ ମହିଳା ଆଗେଇଆସୁଛନ୍ତି। ଏହା ସେମାନଙ୍କ ରୋଜଗାରର ମାଧ୍ୟମ ହୋଇଥିବା କୃପାସିନ୍ଧୁ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ସୁନୀତା ଫୁଲଗୁଁଇୟା ପ୍ରକାଶ କରିଛନ୍ତି। ଷ୍ଟ୍ରବେରି ଚାଷୀ ଇନ୍ଦୁମତୀ ବିଶାଳ କହିଛନ୍ତି, ଏହି ଚାଷ ଦ୍ୱାରା ଆମ ପରିବାର ବେଶ୍ ଲାଭବାନ ହୋଇଛି। ଏଭଳି ଜାଗାରେ ଏହି ଚାଷ ହେବ ବୋଲି ଆଶା ନ ଥିବା ବେଳେ ଏହାକୁ ବଜାରରେ ବିକି ବେଶ୍ ଭଲ ରୋଜଗାର ହେଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଗସ୍ତରେ ଚଳିତ ମାସ ଆସିଥିବା ସମୟରେ ଷ୍ଟ୍ରବେରି ଖାଇବା ସହ ଚାଷୀଙ୍କୁ ସମ୍ମାନିତ କରିଥିଲେ। କେନ୍ଦୁଝର ସହରର ବିଭିନ୍ନ ସ୍ଥାନରେ କେନ୍ଦୁଝର ଷ୍ଟ୍ରବେରି ପ୍ୟାକେଟ୍ ବିକ୍ରି ହେଉଛି। ପ୍ୟାକେଟ ପାଖାପାଖି ୧୨୫ ଟଙ୍କାରେ ବିକ୍ରି ହେଉଥିବା ବେଳେ କିଲୋ ଦରରେ ମଧ୍ୟ ଲୋକେ କିଣି ନେଉଛନ୍ତି।

## ରାଜ୍ୟସ୍ତରୀୟ ସମାରୋହରେ କେନ୍ଦୁଝର ଡିଏଫ୍‌ଓ ସମ୍ମାନିତ

କେନ୍ଦୁଝର,୨୩।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଚଳିତ ବର୍ଷ ବିଶ୍ୱ ବନଦିବସ ୨୦୨୫ ରେ ଏକ ରାଜ୍ୟସ୍ତରୀୟ ସମାରୋହରେ କେନ୍ଦୁଝର ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡିଙ୍କୁ ଜଙ୍ଗଲ ସୁରକ୍ଷା ଓ ସଂରକ୍ଷଣ ଏବଂ ବନ୍ୟପ୍ରାଣୀ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଏହି ପ୍ରଶଂସାପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମ କୁମାର ଝା ଯୋଗ ଦେଇଥିଲେ।


ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆଙ୍କଠାରୁ ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ ସମ୍ମାନପତ୍ର ଗ୍ରହଣ କରୁଛନ୍ତି।

## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ବିରଜାକ୍ଷେତ୍ର ଗଲେ ୨୦୦ ଛାତ୍ରୀଛାତ୍ର

ବଉଳା,୨୩।୩
(ଦୁର୍ଗା ପ୍ରସାଦ ଆୟଚ)

ସରକାରଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲା ଶିକ୍ଷା କାର୍ଯ୍ୟାଳୟ ଅନୁମତିରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନର (ଆରଏଏ) ହାଟଡ଼ିହୀ ବ୍ଲକ୍‌ରୁ ୬୦୦ ଛାତ୍ରୀଛାତ୍ର ଯିବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାରେ ରବିବାର ୨୦୦ ଛାତ୍ରୀଛାତ୍ର ମା' ବିରଜା କ୍ଷେତ୍ର ବୁଲିବାକୁ ଯାଇଛନ୍ତି। ଦଶଶ୍ୱାମେଧ ଘାଟ, କୁସମା ପାର୍କ, ବୋଟାନିକାଲ ଗାର୍ଡେନ୍ ଯାଜପୁର, ନିତ୍ୟାନନ୍ଦ ଆଇଟିଆଇ ଧାମନଗର ଭଦ୍ରକରେ ଛାତ୍ରୀଛାତ୍ର ବୁଲି ନିଜର ଜ୍ଞାନ ଆହରଣ କରିବେ। ହାଟଡ଼ିହୀ ବିଇଓ ଓ ଏବିଇଓ ପ୍ରମୋଦ ନାୟକଙ୍କ ନେତୃତ୍ୱରେ ପଡ଼ିଆରିପଲ୍ଲି, ରାଇଘାଟି, ବାଙ୍ଗୋର, ବାଲିବରେଇ, ସୋସୋ, ଢେଙ୍କା, ହଦଗଡ଼ ଆଦି କ୍ଲଷ୍ଟର ସିଆରସିସି ଓ ପ୍ରତି କ୍ଲଷ୍ଟରରୁ ଜଣେ ମହିଳା ଶିକ୍ଷୟିତ୍ରୀ, ଗାଇଡ୍ ଶିକ୍ଷକ ଏଥିରେ ସାମିଲ ହୋଇଛନ୍ତି। ପ୍ରତି ବିଦ୍ୟାଳୟରୁ ୩ ଜଣ ଛାତ୍ରୀଛାତ୍ର ଏଥିରେ ସାମିଲ୍ ହେବେ ବୋଲି ଏବିଇଓ ନାୟକ ସୂଚନା ଦେଇଛନ୍ତି। ଗମନ ସମୟରେ ଏବିଇଓ ପ୍ରମୋଦ କୁମାର ନାୟକ ଓ ସିଆରସିସିଙ୍କ ଉପସ୍ଥିତ ଥିଲେ। ସରକାରଙ୍କର ଏଭଳି ପ୍ରୟାସକୁ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଥିଲା।

## ପ୍ରାଣବନ୍ଧୁ ଖାଉଟି ବିଭାଗର ଏମ୍‌ପିଙ୍କ ପ୍ରତିନିଧି

ଆନନ୍ଦପୁର,୨୩।୩
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ସବ୍‌ଡିଭିଜନର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କ ପ୍ରତିନିଧି ରୂପେ ଆନନ୍ଦପୁରର ବରିଷ୍ଠ ଭାଜପା ନେତା ପ୍ରାଣବନ୍ଧୁ ସାହୁ ନିଯୁକ୍ତ ହୋଇଛନ୍ତି। କେନ୍ଦୁଝର ଏମ୍‌ପି ନାୟକଙ୍କ ଏହି ନିଯୁକ୍ତିକୁ ଭାଜପାର ବରିଷ୍ଠ ନେତା ଆଲୋକ ସେଠୀ, ଶମ୍ଭୁନାଥ ରାଉତ, ଜ୍ଞାନ ରଞ୍ଜନ ସାମନ୍ତସିଂହାର, ଟୁକୁନା ମହାନ୍ତ, ପୃଥ୍ୱୀରାଜ କୁଅଁର, ଶ୍ରୀଧର ସାହୁ, ସରୋଜ ସାହୁ, ନାରାୟଣ ବାରିକ, ବାଇଧର ଚନ୍ଦିରା, ବାଇଧର ସାହୁ, କମଳାକାନ୍ତ ସୁର, ନଗେନ ଦଳେଇ ପ୍ରମୁଖ ସ୍ୱାଗତ କରିଛନ୍ତି।

## ବ୍ୟାପକ ସୋରିଷ, ବୋଇତାଳୁ ଫସଲ ନଷ୍ଟ

### କାଳବୈଶାଖୀ ପ୍ରଭାବ

ଚମ୍ପୁଆ,୨୩।୩(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆରେ କାଳବୈଶାଖୀ ଓ କୁଆପଥର ମାଡ଼ରେ ବ୍ୟାପକ କ୍ଷତି ହୋଇଛି। ବିଶେଷ ଭାବରେ କୁଆପଥର ମାଡ଼ରେ ସୋରିଷ, ବୋଇତାଳୁ, ଚଣା, ପିଆଜ, ପୋଇ, ବିଲାତି ଆଦି ଚାଷ ପ୍ରଭାବିତ ହୋଇଛି। ଲକ୍ଷାଧିକ ଅର୍ଥ ଖର୍ଚ୍ଚ କରି ଚାଷ କରିଥିବା ଚାଷୀ ଅମଳକୁ ନେଇ ଆଶା ଆଶଙ୍କାରେ ରହିଛନ୍ତି।

ସୂଚନା ଅନୁଯାୟୀ, ଗତ ଶୁକ୍ରବାର ପ୍ରାୟ ୪୫ ମିନିଟ୍ ଧରି କାଳବୈଶାଖୀ ପ୍ରଭାବରେ ଚମ୍ପୁଆ, ଜାମୁଦଲକ, ଜଡ଼ିପଦା, ମଙ୍ଗଳପୁର ଆଦି ଅଞ୍ଚଳରେ ପବନ ସହିତ କୁଆପଥର ବର୍ଷା ହୋଇଥିଲା। ଫଳରେ ଅମଳ କ୍ଷମ ସୋରିଷ କୁଆପଥର ମାଡ଼ରେ ଝଡ଼ିପଡ଼ିଥିବା ବେଳେ ବିଲାତି ଓ ବୋଇତାଳୁ ଚାଷ ମଧ୍ୟ ସମରୂପଭାବେ କ୍ଷତି ଘଟିଛି। ଚାଷୀ ଅନେକ ହଜାର ଟଙ୍କା ଖର୍ଚ୍ଚ କରି ଅଧିକ ଅମଳ ଆଶାରେ ଉନ୍ନତମାନର ବିହନ ବ୍ୟବହାର କରିଥିଲେ। ମାତ୍ର କୁଆପଥର ବର୍ଷା ଚାଷୀଙ୍କ ସ୍ୱପ୍ନକୁ ଧୂଳିସାଥ କରିଦେଇଛି। ଜଡ଼ିପଦା ଅଞ୍ଚଳର ଚାଷୀ ନରୋତମ ମହାନ୍ତଙ୍କ ସୋରିଷ, ପ୍ରଶାନ୍ତ ମହାକୁଡଙ୍କ ବୋଇତାଳୁ, ପିତାମ୍ବର ଗିରିଙ୍କ ସୋରିଷ ସମେତ ବହୁ ଚାଷୀଙ୍କର ଚାଷ ଉଜୁଡ଼ି ଯାଇଛି। ଅନେକ ଏକର ଜମିରେ ହୋଇଥିବା ସୋରିଷ ଚାଷ ଅମଳ ଯୋଗ୍ୟ ହେବା ବେଳକୁ କାଳବୈଶାଖୀ ଚାଷୀଙ୍କ ଅଣ୍ଟା ଦୋହଲେଇ ଦେଇଛି। କୃଷି ଜିଲା ଅଧିକାରୀ ସତ୍ୟବାନ ସୋରେନ କହିଛନ୍ତି, ୩୦ ପ୍ରତିଶତରୁ ଊର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା କରାଯିବ।

## ପ୍ରାଣୀ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବଡ଼ବିଲ,୨୩।୩(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲରେ ୨ ଦିନିଆ ପ୍ରାଣୀ ପରୀକ୍ଷା ଶିବିର ସ୍ଥାନୀୟ ବିକାଶ ମହଲଠାରେ ରବିବାରଠାରୁ ଆରମ୍ଭ ହୋଇଛି। ଆନିମଲ କେୟାର ଫାଉଣ୍ଡେଶନ ଦ୍ୱାରା ଆୟୋଜିତ ଶିବିରକୁ ରବିବାର ପୂର୍ବାହ୍ଣ ୮ ଟାରେ ବଡ଼ବିଲ ପୌରାଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତ ଉଦ୍‌ଘାଟନ କରିଥିଲେ। ଶିବିରରେ ବଡ଼ବିଲ ତଥା ଆଖପାଖ ଅଞ୍ଚଳର ଗୃହପାଳିତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶିବିରରେ ରାଜ୍ୟ ପ୍ରାଣୀ ଚିକିତ୍ସା ଅତିରିକ୍ତ ନିର୍ଦ୍ଦେଶକ ଡା. ଏନସି ମିଶ୍ର, ଡା. ଜୀବନ କୁମାର, ଲାଇଭ ଷ୍ଟକ୍ ଇନ୍ସପେକ୍ଟର ଶାନ୍ତନୁ ସିଂହ ଓ ବିଜୟ ଚକ୍ର ଓ ଡା. ରତ୍ନାକର ଜାମୁଡିଆ ପ୍ରମୁଖ ପସ୍ଥିତ ରହିଥିଲେ। ପ୍ରଥମ ଦିନରେ ମୋଟ ୯ ଗାଇ, ୨୨ ଛେଳି, ୫୬ କୁକୁର, ୧ ବିଲେଇ ଓ ୧୦ କୁକୁଡ଼ାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଦିଆଯାଇଛି।

ମୟୂରଭଞ୍ଜ

### ନାଳରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ମୋରଡ଼ା,୨୩।୩(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଧୀନ ହଳଦୀପାଳ ପଞ୍ଚାୟତର ସମାଇଡ଼ିହି ଗ୍ରାମର ଏକ ନାଳରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଉକ୍ତ ଗ୍ରାମର ଶ୍ୟାମସୁନ୍ଦର ମାର୍ଣ୍ଡି(୪୫)। ସେ ଅପରାହ୍ଣ ୧ଟା ସମୟରେ କାମରୁ ଫେରି ଏକ ନାଳକୁ ଗାଧୋଇବାକୁ ଯାଇଥିଲେ। ବହୁ ସମୟ ଧରି ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ଶକୁନ୍ତଳା ନାଳକୁ ଯାଇ ଶ୍ୟାମସୁନ୍ଦରଙ୍କ ଲୁଗା ପାଣିରେ ଭାସୁଥିବା ଦେଖିଥିଲେ। ସ୍ଥାନୀୟ ଲୋକେ ନାଳ ଭିତରକୁ ଯାଇ ଖୋଜାଖୋଜି କରି ତାଙ୍କୁ ଉଦ୍ଧାର କରି ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଥାନାରେ ଏକ ମାମଲା(ନଂ.୧୫/୨୫) ରୁଜୁ ହୋଇଛି।

### ବାଇକ୍ ଚୋରି ଅଭିଯୋଗରେ ଯୁବକଙ୍କୁ ମାଡ଼

ବୈଶିଙ୍ଗା,୨୩।୩(ରତନ ଦାଶ): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ଡାହିବାଡ଼ି ସାପ୍ତାହିକ ହାଟରେ ଶନିବାର ସନ୍ଧ୍ୟା ୭ଟାରେ ବାଇକ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଲୋକେ ମାଡ଼ ମାରିଛନ୍ତି। ଯୁବକଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ପୁରୁଣିଆ ପଞ୍ଚାୟତର ହରିପୁର ଗ୍ରାମର ସତ୍ୟ ମଣ୍ଡଳ ପନିପରିବା କିଣାକିଣି ପାଇଁ ହାଟକୁ ଆସିଥିଲେ। ତାଙ୍କ ବାଇକ୍(ନଂ. ଓଡି ୦୧ ୱାଇ ୧୬୨୭)କୁ ରଖି ପରିବାର କିଣୁଥିଲେ। ଏହି ସମୟରେ ଜଣେ ଯୁବକ ହ୍ୟାଣ୍ଡେଲ ଲକ ଭାଙ୍ଗି ନେବାକୁ ଉଦ୍ୟମ କରୁଥିବା ବେଳେ ସେଠାରେ ଉପସ୍ଥିତ ଲୋକେ କାବୁ କରି ଉତ୍ତମ ମଧ୍ୟମ ଦେଇଥିଲେ। ଉତ୍ୟକ୍ତ ଲୋକଙ୍କ ମାଡରେ ସେ ଗୁରୁତର ହୋଇଥିବା ବେଳେ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସତ୍ୟ ମଣ୍ଡଳଙ୍କ ଏତଲା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ଅତ୍ୟାଧୁନିକ ଜ୍ଞାନକୌଶଳ ବିନିଯୋଗକୁ ଗୁରୁତ୍ୱ

### ଟସର କୃଷି ମେଳା

ବାଙ୍ଗିରିପୋଷି,୨୩।୩
(ସଞ୍ଜୟ କୁମାର ଅଗ୍ରୱାଲା)



ଟସର କୃଷି ମେଳାରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଅତିଥି।

କେନ୍ଦ୍ରୀୟ ଟସର ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଆନୁକୂଲ୍ୟରେ ବାରିପଦାସ୍ଥିତ ଆଞ୍ଚଳିକ ରେଶମ ଗବେଷଣା କେନ୍ଦ୍ର ଦ୍ୱାରା ବାଙ୍ଗିରିପୋଷି ରାଜ୍ୟ ରେଶମ ଶିଳ୍ପ ବିଭାଗ ଟସର ସମବାୟ ସମିତି ପରିସରରେ ଏକଦିବସୀୟ ଟସର କୃଷି ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ ଟସର ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ଡ. ଏନ୍.ବି ଚୌଧରୀ ସ୍ୱାଗତ ସମ୍ଭାଷଣ ମାଧ୍ୟମରେ ଟସର କୃଷି ମେଳାର ଆଭିମୁଖ୍ୟ ବିଷୟରେ ଅବଗତ କରାଇଥିଲେ। ଅତ୍ୟାଧୁନିକ ଜ୍ଞାନକୌଶଳକୁ ଉପଯୁକ୍ତ ସମୟରେ ଉପଯୋଗ କଲେ ଟସର ଉତ୍ପାଦନରେ କିପରି ଅଭିବୃଦ୍ଧି ହୋଇଥାଏ ସେ ସମ୍ପର୍କରେ ଉଦାହରଣ ଦେଇ ବୁଝାଇଥିଲେ। ବାରିପଦା ସହ ନିର୍ଦ୍ଦେଶକ ନିରଞ୍ଜନ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ମୟୂରଭଞ୍ଜ ଜିଲାର ଟସର ଉତ୍ପାଦନ, ରାଜ୍ୟରେ ଥିବା ଟସର ସମବାୟ ସମିତି ଏବଂ ତାହାର ଭୂମିକା ବିଷୟରେ ବକ୍ତବ୍ୟ ରଖିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନରେ ପରିଚାଳିତ ବିଭିନ୍ନ ଯୋଜନା ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ବିଶୋଇଠାରେ ଟସର ଶିଳ୍ପ ପାର୍କରେ କାମ କରି ଅଧିକାଂଶ ମା' ଓ ଭଉଣୀମାନେ କିପରି ସ୍ୱାବଲମ୍ବୀ ହୋଇପାରୁଛନ୍ତି, ସେ ବିଷୟରେ ମୁଖ୍ୟଅତିଥି କହିଥିଲେ। ବରିଷ୍ଠ ବୈଜ୍ଞାନିକ ଡ. କର୍ମବୀର ଜେନା ଆଧୁନିକ ପ୍ରଣାଳୀରେ ଟସର କୀଟ ପାଳନ, ଟସରରେ ଲାଗୁଥିବା ରୋଗ ପୋକ ପ୍ରବନ୍ଧନ ଓ ଉନ୍ନତ ପଦ୍ଧତିରେ ଟସରର ଅଣ୍ଡା ଉତ୍ପାଦନ ବିଷୟରେ ବିସ୍ତୃତ ଭାବେ ବ୍ୟାଖ୍ୟା କରିଥିଲେ। ଭାରତୀ ସାହାଣୀ ମଞ୍ଚ ପରିଚାଳନା କରିଥିବା ବେଳେ ବେଣୁଧର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ଟସର ସମବାୟ ସମିତିରୁ ୨୦୦ରୁ ଊର୍ଦ୍ଧ୍ୱ ଟସର କୃଷକ ଏଥିରେ ଯୋଗ ଦେଇଥିଲେ।

## ୫୨ ୟୁନିଟ୍ ରକ୍ତ ସଂଗୃହୀତ

ଗୋପବନ୍ଧୁ ନଗର, ୨୩।୩
(ଶାନ୍ତନୁ କୁମାର ମଡୁଆଲ)

ଗୋପବନ୍ଧୁ ନଗର ବ୍ଲକ୍ ସାଇଁକୁଳା ଶ୍ରୀଶ୍ରୀ ଶ୍ୟାମରାୟ ମହାପ୍ରଭୁ ଦୋଳ ମେଳନ ଆନୁକୂଲ୍ୟରେ କୁଆମରା ମଣ୍ଡଳ ଭାଜପା ଯୁବମୋର୍ଚ୍ଚା ଆୟୋଜନରେ ସାଇଁକୁଳା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଭାସ୍କର ମଢ଼େଇ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ସନାତନ ଜେନା, ସମ୍ପାଦକ ଗୌରଚନ୍ଦ୍ର ଦାସ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୫୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଉଦଳା ରକ୍ତ ଭଣ୍ଡାରର ଡା. ରାଜେନ୍ଦ୍ର ନନ୍ଦ, ଅଭିନ୍ନ ସୁନ୍ଦର ନାୟକ, ଶ୍ରବଣ ନାୟକ, ବିସ୍ମୟ ସେନ ନାଏକ, ଅଜିତ ସିଂ, ପ୍ରଦୀପ ପଲେଇ, ମାନସ ରଞ୍ଜନ ମହାନ୍ତି ରକ୍ତ ସଂଗ୍ରହ କାର୍ଯ୍ୟରେ ନିୟୋଜିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମଣ୍ଡଳ ସଭାପତି ଶାନ୍ତନୁ ମଡୁଆଲ, ଗିରିଜା ଶଙ୍କର ବେହେରା, ଜଗନ୍ନାଥ ବେହେରା, ଅମର ଜେନା, ଦିନେନ୍ଦ୍ର ବିନ୍ଧାଣୀ, ହିତେଶ ସାହୁ, ବିକାଶ ବେହେରା, ତାପସ ସାହୁ, ଲକ୍ଷ୍ମୀନାରାୟଣ ସାହୁ, ଜୀବନ ମହାନ୍ତି, ପ୍ରଦୀପ ଜେନା ପ୍ରମୁଖ ସହଯୋଗ କରିଥିଲେ।


ଅତିଥିମାନେ ରକ୍ତଦାତାଙ୍କୁ ଉତ୍ସାହିତ କରୁଛନ୍ତି।

## ଠାକୁରମୁଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟ ପୁରସ୍କୃତ

ଠାକୁରମୁଣ୍ଡା, ୨୩।୩
(ତାରାକାନ୍ତ ପଟ୍ଟନାୟକ)

ଚାରାରୋପଣ ଓ ବନୀକରଣ ଦିଗରେ କାର୍ଯ୍ୟକରି ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପୁରସ୍କୃତ ହୋଇଛି। ନିକଟରେ ବାରିପଦାଠାରେ ଜିଲାସ୍ତରୀୟ ବିଶ୍ୱ ଜଙ୍ଗଲ ଦିବସ ପାଳନ ଅବସରରେ ଏହି ହାଇସ୍କୁଲକୁ ଶ୍ରେଷ୍ଠ ବିଦ୍ୟାଳୟ ରୂପେ ପୁରସ୍କୃତ କରାଯାଇଛି। ମୁଖ୍ୟଅତିଥି ମୟୂରଭଞ୍ଜ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଓ ବିଶିଷ୍ଟ ଅତିଥିମାନଙ୍କଠାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁ ୧୦ ହଜାର ଟଙ୍କାର ପୁରସ୍କାର ରାଶି ଚେକ୍ ସହ ମାନପତ୍ର ଗ୍ରହଣ କରିଛନ୍ତି। ବିଦ୍ୟାଳୟର ବନ ମହୋତ୍ସବ ପାଳନ ସହ ଜଙ୍ଗଲ ସୁରକ୍ଷା, ଚାରାରୋପଣ, ପରିବେଶ ସୁରକ୍ଷା ଆଦି କାର୍ଯ୍ୟକ୍ରମ କରି ଛାତ୍ରୀମାନେ ଅଭିଭାବକ ଓ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିବାରୁ ଜିଲାସ୍ତରୀୟ ମନୋନୟନ କମିଟି ଦ୍ୱାରା ସ୍କୁଲକୁ ପୁରସ୍କୃତ କରାଯାଇଛି।



ସ୍କୁଲର ପ୍ରଧାନ ଶିକ୍ଷକ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ୩୬ ଗୋରୁ ଉଦ୍ଧାର, ୪ ଗିରଫ

ମୋରଡ଼ା,୨୩।୩(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ନିର୍ବାଚନମଣ୍ଡଳୀ ଶୁଳିଆପଦା ଥାନା ଅଞ୍ଚଳରେ ପିକ୍‌ଅପ, କଣ୍ଟେନର ଯୋଗେ ବର୍ଷ ତମାମ ଗୋଚାଲାଣ ହେଉଛି। ରବିବାର ଥାନା ଅଧିକାରୀ ସତ୍ୟ ନାରାୟଣ ବଳଙ୍କ ତତ୍ତ୍ୱାବଧାନରେ ପୋଲିସ ଚଢ଼ାଉ କରି ବେଆଇନ ଭାବେ ଚାଲାଣ ହେଉଥିବା ୩୬ ଗୋରୁଙ୍କୁ ଉଦ୍ଧାର କରିଛି। ଗୋରୁ ବ୍ୟବସାୟୀ ବେଆଇନ ଭାବେ ସମସ୍ତ ଗୋରୁଙ୍କୁ ଚଲାଇ ଚଲାଇ ନେଉଥିବା ସମୟରେ କୁଜିଡ଼ିହ ଜଙ୍ଗଲରେ ଥାନା ଅଧିକାରୀ ବଳ ପହଞ୍ଚି ଗୋରୁ ଜବତ କରିବା ସହିତ ୪ ଜଣଙ୍କୁ ଗିରଫ କରିଛନ୍ତି। ଏ ନେଇ ଶୁଳିଆପଦା ଥାନାରେ ଏକ ମାମଲା(ନଂ. ୫୫/୨୫)ରୁଜୁ ହୋଇଛି।

## ଆଶ୍ରୟସ୍ଥଳରେ ବିପନ୍ନଙ୍କୁ ରନ୍ଧାଖାଦ୍ୟ

ବାରିପଦା,୨୩।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

କାଳବୈଶାଖୀ ପ୍ରଭାବରେ ମୟୂରଭଞ୍ଜ ଜିଲାର ବାଙ୍ଗିରିପୋଷି ଓ ବିଶୋଇ ବ୍ଲକର ଲୋକେ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି। ଗୁରୁବାରଠାରୁ ରବିବାର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ଲାଗି ରହିଛି। ବାଙ୍ଗିରିପୋଷି ବ୍ଲକର ବାଙ୍ଗିରିପୋଷି, ବଣକାଟି, ଗଲାମୁଣ୍ଡାକଟା, ଦିଘି, ନିଶ୍ଚିନ୍ତା ଆଦିକୁ ମିଶାଇ ମୋଟ ୧୨ ପଞ୍ଚାୟତର ୪୨ ଗ୍ରାମରେ ୨୦୭୫ଟି ଘର ଭାଙ୍ଗିଥିବା ନେଇ ପ୍ରାଥମିକ ରିପୋର୍ଟ ପ୍ରଦାନ କରାଯାଇଛି। ଦୁଇଦିନ ମଧ୍ୟରେ ୨୬୬୦ ପଲିଥିନ ବଣ୍ଟା ଯାଇଥିବା ବେଳେ ୨ ହଜାର ଲୋକଙ୍କୁ ତିନିଦିନ ଧରି ବିଭିନ୍ନ ଆଶ୍ରୟସ୍ଥଳରେ ରଖାଯାଇ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ଏସବୁ ଗ୍ରାମରେ ସର୍ଭେ କରାଯାଇ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ୧୧ଟି ଟିମ୍ ଗଠନ କରାଯାଇଛି। ସେମାନେ ଘର ଘର ବୁଲି ସର୍ଭେ କରି ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରିବା ପରେ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ବାରିପଦା ସଦର ଉପଜିଲାପାଳ ଦୟାସିନ୍ଧୁ ପରିଡ଼ା କହିଛନ୍ତି। ତେବେ ପ୍ରାଥମିକ ସ୍ତରରେ ଚିହ୍ନଟ ହୋଇଥିବା କ୍ଷତିଗ୍ରସ୍ତ ପରିବାରର ଡାଟାବେସ୍ ପ୍ରସ୍ତୁତ କରାଯାଇ ରବିବାର ବ୍ୟାଙ୍କ ଛୁଟି ଥିବାରୁ ସୋମବାର ପୂର୍ବାହ୍ଣରେ ସେମାନଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ କୃଷି ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଫସଲର କ୍ଷୟକ୍ଷତି ଆକଳନ କରାଯାଇ ରିପୋର୍ଟ ପ୍ରସ୍ତୁତ କରାଯାଉଛି। ସେହିପରି ବିଶୋଇ ବ୍ଲକର ଖଡ଼ମବେଡ଼ା ଓ ଜୁଡିଆ ପଞ୍ଚାୟତର ୧୬ ଗ୍ରାମର ଲୋକେ ପ୍ରଭାବିତ ହୋଇଛନ୍ତି। ପ୍ରାଥମିକ ରିପୋର୍ଟ ଅନୁଯାୟୀ ୧୩୫୮ଜଣଙ୍କ ଘର ଭାଙ୍ଗିଛି। ସେଥିମଧ୍ୟରୁ ଘର ଓ ଗୁହାଳ ଭାଙ୍ଗିଥିବା ଲୋକଙ୍କୁ ଥଇଥାନ ପାଇଁ ପଲିଥିନ ପ୍ରଦାନ କରାଯାଇଛି। ପ୍ରଭାବିତ ୬ ହଜାର ଲୋକଙ୍କୁ ଆଶ୍ରୟସ୍ଥଳରେ ରଖାଯାଇ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ୭ଟି ଟିମ୍ ଗଠନ କରାଯାଇ ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ କରାଯିବ। ରାତି ସୁଦ୍ଧା ଡାଟାବେସ୍ ପ୍ରସ୍ତୁତ କରାଯାଇ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଅତିରିକ୍ତ ଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ କହିଛନ୍ତି।

## ୧୦୦ ବୋତଲ ମଦ ଜବତ

**ସିମୁଳିଆ,(ସନ୍ତୋଷ ନାୟକ)**- ବାଲେଶ୍ୱର ଜିଲା ସିମୁଳିଆ ଥାନା ଦଧିବାମନପୁର ଅଞ୍ଚଳର ରବିନ୍ଦ୍ର ଦାସ(୪୦)ଙ୍କ ପାନ ଦୋକାନରୁ ୧୦୦ ବୋତଲ ବିଦେଶୀ ମଦ ପୋଲିସ ଶନିବାର ରାତିରେ ଜବତ କରିଛି। ଏହି ଘଟଣାରେ ବ୍ୟବସାୟୀ ରବିନ୍ଦ୍ରଙ୍କୁ ପୋଲିସ ମାମଲା (ନଂ.୧୪୦/୨୫)ରେ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସୂଚନା ଯୋଗ୍ୟ, ସିମୁଳିଆ ବ୍ଲକର ସଦର ମହକୁମା ମାର୍କୋଣାରେ ଥିବା ବିଦେଶୀ ମଦ ଦୋକାନରେ ମଦ ବିକ୍ରି ହେବାର ନିୟମ ଥିବା ବେଳେ ବ୍ୟବସାୟୀ ଅଧିକ ଲାଭ ଉଦ୍ଦେଶ୍ୟରେ ବିଭିନ୍ନ ଗ୍ରାମାଞ୍ଚଳକୁ ଚାଲାଣ କରୁଥିବା ସୂଚନା ମିଳିଛି।

**ବାଲେଶ୍ୱର**

## ଶହୀଦ ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି

ଭୋଗରାଇ,୨୩।୩ (ପ୍ରଦୀପ ଦାସ)- ସ୍ୱାଧୀନତା ଆନ୍ଦୋଳନର ବିପ୍ଳବୀ ଶହୀଦ ଭଗତ ସିଂ, ରାଜଗୁରୁ ଓ ଶୁକଦେବଙ୍କ ୯୪ତମ ଫାଶୀଦିବସ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଚନ୍ଦନେଶ୍ୱର ଆଜାଦ ପରିଷଦ ଓ ହଳଦୀମାଳ ଗ୍ରାମରେ ଡିଏସ୍‌ଓ ଛାତ୍ରସଂଗଠନ ପକ୍ଷରୁ ପାଳିତ ହୋଇଛି । ଏହି ୩ ଶହୀଦଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ, ବିପ୍ଳବୀ ସଙ୍ଗୀତ ଗାନ କରାଯିବାପରେ ଭାରତବର୍ଷରେ ଏହି ସଂଗ୍ରାମୀଙ୍କ ଉତ୍ସର୍ଗୀକୃତ ସଂଘର୍ଷମୟ ଜୀବନ, ଧର୍ମନିରପେକ୍ଷତା, ସାମ୍ପ୍ରଦାୟିକତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିପ୍ଳବୀ ଭଗତ ସିଂ, ରାଜଗୁରୁ ଓ ଶୁକଦେବ ଇଂରେଜ ସମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବା ସହ ତରୁଣ ବୟସରେ ହସି ହସି ଫାଶୀଖୁଣ୍ଟରେ ଝୁଲିବା ଆଦର୍ଶ ଆଜିର ଯୁବ ଓ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଯୋଗାଉଛି ବୋଲି ସାରା ଭାରତ ଗଣତାନ୍ତ୍ରିକ ଛାତ୍ରସଂଗଠ ନ ପକ୍ଷରୁ ଛାତ୍ରୀନେତ୍ରୀ କ୍ରିଷ୍ଣାରାଣୀ ସାହୁ, ଛାତ୍ରନେତା ହରେକୃଷ୍ଣ ଦାସ, ଆସମାନ ରାଜ ପ୍ରମୁଖ କହିଥିଲେ। ଏହି ଅବସରରେ ୩ ଶହୀଦଙ୍କ ଫଟୋ ଚିତ୍ର ଓ ଶହୀଦଙ୍କ ଜୀବନ ସଂଘର୍ଷର କୋଟେସନ ପ୍ରଦର୍ଶିତ ହୋଇଥିଲା ।

# ଶୂନ ମୃତ୍ୟୁ ପାଇଁ ତତ୍ପର ରହିବାକୁ ଆହ୍ୱାନ



ସମୀକ୍ଷା ବୈଠକରେ ବିଧାୟକଙ୍କ ସହ ଅଧିକାରୀମାନେ।

**ଗ୍ରୀଷ୍ମ ପ୍ରବାହ ମୁକାବିଲା ନିମନ୍ତେ ବିଧାୟକଙ୍କ ସମୀକ୍ଷା ବୈଠକ**

ବାଲେଶ୍ୱର,୨୩।୩(ବାଞ୍ଛାନିଧି ଦେ)

ଚଳିତବର୍ଷ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ବାଲେଶ୍ୱର ଜିଲା ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ସ୍ଥାନୀୟ ସର୍କିଟ୍ ହାଉସ ପରିସରରେ ଶନିବାର ବିଧାୟକ ମାନସ ଦତ୍ତ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଛନ୍ତି। ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବ୍ୟାପକ ସଚେତନତା ସୃଷ୍ଟି ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଗ୍ରୀଷ୍ମପ୍ରବାହ ସମୟରେ ସତର୍କତା ଅବଲମ୍ବନ ନିମନ୍ତେ ପୋଷ୍ଟର, ଲିଫ୍‌ଲେଟ୍ ଆଦି ପ୍ରଚାରପତ୍ର ଗାଁ ଗହଳିରେ ବ୍ୟାପକ ବଣ୍ଟନ ନିମନ୍ତେ ପଦକ୍ଷେପ, ଅଚଳ ନଳକୂପଗୁଡ଼ିକର ତୁରନ୍ତ ମରାମତି ଏବଂ ହାଟବଜାର, ବସ୍ ଷ୍ଟାଣ୍ଡ ତଥା ଜନଗହଳି ସ୍ଥାନମାନଙ୍କରେ ଜଳଛତ୍ର ଖୋଲିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଗ୍ରୀଷ୍ମ ପ୍ରବାହଜନିତ ଯେପରି କୌଣସି ଜୀବନ ହାନି ନ ଘଟିବ ସେଥିପାଇଁ ସମସ୍ତେ ଦୃଢ଼ ମାନସିକତା ରଖି ତତ୍ପର ରହିବାକୁ ଆହ୍ୱାନ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ସହିତ ଅନ୍ୟ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଅଂଶୁଘାତର ପ୍ରତିକାର ପାଇଁ ବ୍ୟବସ୍ଥା ସହିତ ଜୀବନ ରକ୍ଷାକାରୀ ଔଷଧ ମହଜୁଦ୍ ଓ ଆମ୍ବୁଲାନ୍ସ ମୁତୟନ ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ହେମନ୍ତ ସିଂହ, ବିଡିଓ ଉତ୍ତମ ଜେନା, ପୌରପାଳିକା ନିର୍ବାହୀ ଅଧିକାରିଣୀ ନୀର୍ଲିପ୍ତା ମହାନ୍ତି, ଏପିଡି ମଧୁସ୍ମିତା ସାମନ୍ତରାୟ, ପିଏଚ୍‌ଇଡ଼ି ଅଧୀକ୍ଷଣ ଯନ୍ତ୍ରୀ ନବୀନ ସିଂ, ଗ୍ରାମ୍ୟ ଜଳ ଯୋଗାଣ ଅଧୀକ୍ଷଣ ଯନ୍ତ୍ରୀ ସମୀର ଦେଙ୍କ ସମେତ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରବିନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ସୀତାକାନ୍ତ ସ୍ୱାଇଁ, ଚିତ୍ତରଞ୍ଜନ ପଣ୍ଡା, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ରାଜେନ୍ଦ୍ର ଚାଟାର୍ଜୀ, କାର୍ତ୍ତିକ ରାଉତ ଉପସ୍ଥିତ ଥିଲେ।

## ପ୍ରଶ୍ନ ଉଠାଇଲେ ବସ୍ତା ବିଧାୟିକା

**ଶିକ୍ଷା ଭିତ୍ତିଭୂମି ସୁରକ୍ଷା କମିଟି ଗଠନ**

ବାଲେଶ୍ୱର,୨୩।୩(ବାଞ୍ଛାନିଧି ଦେ)



ବିଧାୟିକା ସୁବାସିନୀ ଜେନା।

ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ ଜିଲାରେ ବିଦ୍ୟାଳୟଗୁଡ଼ିକରେ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଜିଲା ଶିକ୍ଷା ଭିତ୍ତିଭୂମୀ ସୁରକ୍ଷା ଗଠନ କରାଯାଇଛି କି ନାହିଁ ଏବଂ ଏ କମିଟି ପ୍ରତ୍ୟେକ ଜୁନ୍ ମାସରେ ନିଜ ଅଧୀନରେ ଆସୁଥିବା ବିଦ୍ୟାଳୟଗୁଡ଼ିକୁ ସୁରକ୍ଷା ସମ୍ପର୍କିତ ସାର୍ଟିଫିକେଟ୍ ପ୍ରଦାନ କରୁଛି କି ନାହିଁ ବୋଲି ବାଲେଶ୍ୱର ଜିଲା ବସ୍ତା ବିଧାୟିକା ସୁବାସିନୀ ଜେନା ଶୁକ୍ରବାର ବିଧାନସଭାରେ ପ୍ରଶ୍ନ ଉପସ୍ଥାପନ କରିଥିଲେ। ସେହିପରି ରାଜ୍ୟର ବିଭିନ୍ନ ସ୍କୁଲର ଦୁର୍ବଳ ଭିତ୍ତିଭୂମି ଯୋଗୁ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିବା, ନାବାଳିକା ଛାତ୍ରୀ ଗର୍ଭବତୀ ହେବା, କାନ୍ଥ ପଡ଼ି ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ହେବା ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉତ୍ତରରେ କହିଥିଲେ, ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ୬।୯।୨୦୨୪ରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇଛି। ଉକ୍ତ କମିଟିକୁ ପିଲାମାନଙ୍କର ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରିବା ନିମନ୍ତେ ବିସ୍ତୃତ ମାର୍ଗଦର୍ଶିକା ପ୍ରସ୍ତୁତ କରିବା ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏଥିସହିତ ପ୍ରତ୍ୟେକ ଜିଲାରେ ବିଦ୍ୟାଳୟଗୁଡ଼ିକରେ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲା ଶିକ୍ଷା ଭିତ୍ତିଭୂମି ସୁରକ୍ଷା କମିଟି ଗଠନ କରାଯିବାର ବ୍ୟବସ୍ଥା ରହିଛି ବୋଲି ସେ କହିଥିଲେ।

ଏହି ପରିପ୍ରେକ୍ଷୀରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ପକ୍ଷରୁ ଶୁକ୍ରବାର ଏକ ବିଜ୍ଞପ୍ତି ଜାରି କରାଯାଇଛି। ରାଜ୍ୟର ସବୁ ମହାବିଦ୍ୟାଳୟକୁ ଜରୁରୀ ଭାବେ ପତ୍ର ଲେଖି ସେମାନଙ୍କ ଅନୁଷ୍ଠାନରେ ଥିବା ଶ୍ରେଣୀଗୃହ, ପରୀକ୍ଷାଗାର, ଅଫିସ ବିଲଡିଂ, ପାଇଖାନା ଭଳି ଭିତ୍ତିଭୂମିର ସ୍ଥିତି ଆକଳନ କରି ଖୁବ୍‌ଶୀଘ୍ର ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଅଙ୍ଗନୱାଡି କେନ୍ଦ୍ରରେ ଉତ୍ତେଜନା

ବସ୍ତା,୨୩।୩(ହରିଶଙ୍କର ପାଢ଼ୀ)- ବସ୍ତା ବ୍ଲକ ଦେଭୋଗ ଅଙ୍ଗନୱାଡି-୨ରେ ପିଲାଙ୍କୁ ଅଣ୍ଡା ନ ଦିଆଯିବା ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା।

ସୂଚନା ଅନୁଯାୟୀ, ସିଂଲା ଥାନା ଅଧୀନ ଦେଭୋଗ ଗ୍ରାମରେ ଥିବା ଅଙ୍ଗନୱାଡି-୨ କେନ୍ଦ୍ର ୭ ବର୍ଷ ହେଲା ଅଙ୍ଗନୱାଡି କର୍ମୀ ଆସମିନା ବିବିଙ୍କ ବାସଭବନରେ ଚାଲିଆସୁଛି। ମାତ୍ର ଆସମିନା ଦୀର୍ଘଦିନ ଧରି ପିଲାଙ୍କୁ ଅଣ୍ଡା ଦେଉ ନ ଥିବା, ଅଇଁଠା ଥାଳି ପିଲାଙ୍କ ବ୍ୟାଗରେ ଭର୍ତ୍ତି କରି ଘରକୁ ପଠାଇବା ସମ୍ପର୍କରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ବିରୋଧ କରି ଉକ୍ତ ଅଙ୍ଗନୱାଡି କେନ୍ଦ୍ର ସାମ୍ନାରେ ଗ୍ରାମବାସୀ, ଅଭିଭାବକ ଏକାଠି ହୋଇ ହୋହଲ୍ଲା କରିଥିଲେ। ଏ ସମ୍ପର୍କରେ ଅଙ୍ଗନୱାଡି କର୍ମୀଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଖଣ୍ଡନ କରିଥିଲେ।

## ଯୋଗଦେଲେ ୧୮୦ ଗବେଷକ, ବିଦ୍ୟାର୍ଥୀ



ଅତିଥିଙ୍କ ଦ୍ୱାରା ସୋଭେନିୟର ଉନ୍ମୋଚନ କରାଯାଉଛି।

**ଏଫ୍‌ଏମ୍‌ୟୁରେ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ**

ବାଲେଶ୍ୱର,୨୩।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ଆଧୁନିକ ଗବେଷଣା ଏବଂ ସୀମାନ୍ତ ପଦାର୍ଥ ବିଜ୍ଞାନର ନୂତନ ଉନ୍ନତି-୨୦୨୫' ସମ୍ପର୍କିତ ଦୁଇଦିନିଆ ଜାତୀୟ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରି ଏହି ସମ୍ମିଳନୀ ଶିକ୍ଷାର୍ଥୀଙ୍କୁ ବୃତ୍ତିଗତ ଜୀବନ ଗଢ଼ିବା ପାଇଁ ପ୍ରେରଣା ଦାୟକ। ଭବିଷ୍ୟତରେ ବିଶ୍ୱର ନୂତନ ଆବିଷ୍କାର କ୍ଷେତ୍ରରେ ଗବେଷକଙ୍କ ଅବଦାନ ରହିବ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ପଦାର୍ଥ ବିଜ୍ଞାନ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ, ମୁଖ୍ୟ ବକ୍ତା ଭୁବନେଶ୍ୱରସ୍ଥିତ ନାଇଜର ଅନୁଷ୍ଠାନର ପ୍ରଫେସର ଶୁଭଙ୍କର ବେଦାନ୍ତ ଯୋଗଦେଇ ପଦାର୍ଥ ବିଜ୍ଞାନର ଆଧୁନିକ ଗବେଷଣାର ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ପୋଷ୍ଟ ଗ୍ରାଜୁଏଟ ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ସୁନୀଲ କୁମାର ପାଢ଼ୀ, ସମ୍ମିଳନୀର ଆବାହକ ସନ୍ତୋଷ କୁମାର ଅଗ୍ରୱାଲ୍, ପରିଚାଳନା ସେକ୍ରେଟେରୀ ଡ. ରାଜୀବ ବିଶ୍ୱାଳ ଉପସ୍ଥିତ ରହି ସମ୍ମିଳନୀର ବିଷୟବସ୍ତୁ ଉପରେ ଗୁରୁତ୍ୱାରୋପ କରିଥିଲେ। ଡ. ବିବେକାନନ୍ଦ ନାୟକ ଅଧିବେଶନ ପରିଚାଳନା କରିଥିଲେ।

ଏହି ସମ୍ମିଳନୀରେ ୧୮୦ରୁ ଅଧିକ ଗବେଷକ, ଅଧ୍ୟାପକ, ପୋଷ୍ଟ ଡକ୍ଟୋରାଲ୍ ବିଦ୍ୟାର୍ଥୀ, ଗବେଷଣା ଛାତ୍ରୀଛାତ୍ର ତଥା ସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

## ବିଦ୍ୟୁତ୍ ଆଘାତରେ ଜୀବନଗଲା

ନୀଳଗିରି,୨୩।୩(ପ୍ରଶାନ୍ତ ବିଶ୍ୱାଳ)

ନିଳଗିରି ଥାନା ଅଧୀନ କାନ୍ଥିପଦା (ବାଉଁଶ ବଣିଆ) ଗ୍ରାମର ସନାତନ ସ (୭୬) ବାଡ଼ି ଅଗଣାରେ ଲୁଗା ଶୁଖାଉ ଥିବାବେଳେ ନିକଟରେ ଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ପରିବାର ଲୋକେ ଚିକିତ୍ସାପାଇଁ ତାଙ୍କୁ ନୀଳଗିରି ମେଡିକାଲ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୦/୨୫) ରୁଜୁ ହୋଇଛି।

## ଡଗରା ଓ ଚଉମୁଖ ବେଳାଭୂମିରେ ୧୦ ହଜାର କଇଁଛ ଅଣ୍ଡା

କାଳିପଦା,୨୩।୩(ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱର ଜିଲାର ବାଲିଆପାଳ ବ୍ଲକ ଡଗରା ଚଉମୁଖ ବେଳାଭୂମିରେ ଅଲିଭ୍ ରିଡ୍‌ଲେ ସାମୁଦ୍ରିକ କଇଁଛ ୧୦ ହଜାର ଅଣ୍ଡାଦାନ କରିଛନ୍ତି। ଡିସେମ୍ବର ମାସଠାରୁ କଇଁଛ ସ୍ଥଳଭାଗକୁ ଆସି ଅଣ୍ଡା ଦେଇଥାନ୍ତି। ଗତବର୍ଷ ତୁଳନାରେ ଚଳିତବର୍ଷ ଡଗରା ଓ ଚଉମୁଖ ବେଳାଭୂମିରେ ଅଧିକ ଅଣ୍ଡାଦାନ କରିଛନ୍ତି।

ଲଙ୍ଗଳେଶ୍ୱର ବନପାଳ ମନୋଜ ଧଡ଼ା କୁହନ୍ତି, ପରିଷ୍କାର ସମୁଦ୍ର କୂଳ ଓ ପରିବେଶ ଅନୁକୂଳ ଥିବାରୁ ଅଣ୍ଡାଦାନ ପ୍ରକ୍ରିୟା ବୃଦ୍ଧି ପାଇଛି। ଅଣ୍ଡାଗୁଡ଼ିକୁ କୃତ୍ରିମ ପ୍ରଜନନ କେନ୍ଦ୍ରରେ ୪୫ ଦିନରୁ ୬୦ ଦିନ ମଧ୍ୟରେ ଛୁଆ ଫୁଟିବା ପରେ ଶାବକ ଗୁଡ଼ିକ ସମୁଦ୍ରରେ ଛଡ଼ାଯିବ। କଇଁଛ ସୁରକ୍ଷା ପାଇଁ ବାଲେଶ୍ୱର ଜିଲା ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ ଏବଂ ଚାନ୍ଦିପୁର ରେଞ୍ଜରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସାଗରିକା ସିଂ, ରାମେଶ୍ୱର ମୁର୍ମୁଙ୍କ ଉପସ୍ଥିତି ଏବଂ କଇଁଛ ସୁରକ୍ଷା କର୍ମୀଙ୍କ ସହାୟତାରେ ଏହି କାର୍ଯ୍ୟ ଜାରି ରହିଛି ବୋଲି ଧଡ଼ା ସୂଚନା ଦେଇଛନ୍ତି।

## ଇଲେକ୍ଟ୍ରୋ ହୋମିଓପାଥି ଚିକିତ୍ସା ଶିବିର

ଖଇରା,୨୩।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଐତିହାସିକ ପତିରାଜପୁର ମେଳା ପଡ଼ିଆରେ ୨ଦିନିଆ ଦେୟମୁକ୍ତ ଇଲେକ୍ଟ୍ରୋ ହୋମିଓପାଥି ଚିକିତ୍ସାଶିବିର ରବିବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଇଲେକ୍ଟ୍ରୋ ହୋମିଓପାଥିକ ଚିକିତ୍ସକ ସଂଘ ଓ ଡୁଙ୍ଗୁରା ଆରୋଗ୍ୟ କ୍ଲିନିକର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ଶିବିରକୁ ଡୁଙ୍ଗୁରା ରାଜସ୍ୱ ନିରିକ୍ଷକ ସଞ୍ଜୟ କୁମାର ପଣ୍ଡା,ସରପଞ୍ଚ ପ୍ରତିନିଧି ରମେଶ ଚନ୍ଦ୍ର ଘଡେଇ,ବିଶିଷ୍ଟ ଇଲେକ୍ଟ୍ରୋପାଥି ଚିକିତ୍ସକ ଡା. ପର୍ଶୁରାମ ଖଟୁଆ ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ। ମେଳା କମିଟି ସଭାପତି ପୀତାମ୍ବର ପଟ୍ଟନାୟକ ଓ ସମ୍ପାଦକ ଭରତ ଚନ୍ଦ୍ର ରାଉତଙ୍କ ପରାମର୍ଶ କ୍ରମେ ଆୟୋଜିତ ଶିବିରରେ ବରିଷ୍ଠ ସଭ୍ୟ ଭୀଷ୍ମଚରଣ ନାୟକ, କ୍ଷେତ୍ରମୋହନ ଖଟୁଆ ଓ ପ୍ରଦୀପ କୁମାର ସାମଲ,ସାମାଜିକକର୍ମୀ ମରୁତ ସ୍ୱାଇଁ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ସରୋଜ କୁମାର ମହାନ୍ତି, ଡା. ମନୋଜ ମହଲା ପ୍ରମୁଖ ଆସିଥିବା ଶତାଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ସେମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା । ଆରୋଗ୍ୟ କ୍ଲିନିକର ଡା ଉପେନ୍ଦ୍ର ଖଟୁଆ ଶିବିରର ସଂଯୋଜନା କରିଥିବା ବେଳେ ସତ୍ୟମ ସାଧୁଆ,ପଲ୍ଲବୀ ଦାସ ଓ ଶିବାନୀ ସାହୁଙ୍କ ଦ୍ୱାରା ଔଷଧ ବିତରଣ କରାଯାଇଥିଲା ।




ଶିବିର ଉଦ୍‌ଘାଟନ ଅବସରରେ ଡାକ୍ତର ଓ ନିମନ୍ତ୍ରିତ ଅତିଥିମାନେ।

## ଶହୀଦ ଭଗତ ସିଂଙ୍କ ବଳିଦାନ ଦିବସ

ଜଳେଶ୍ୱର,୨୩।୩(ନବୀନ ସାହୁ)

ସ୍ୱାଧୀନତା ସଂଗ୍ରାମର ବିପ୍ଳବୀ ଯୋଦ୍ଧା ଶହୀଦ ଭଗତ ସିଂ, ଶୁକଦେବ ଓ ରାଜଗୁରୁଙ୍କ ୯୪ତମ ଫାଶୀ ଦିବସ ଭାରତର ଛାତ୍ର ଫେଡେରେଶନ (ଏସ୍‌ଏଫ୍‌ଆଇ) ଓ ଭଗତ ସିଂ ସ୍ମୃତିକମିଟିପକ୍ଷରୁପାଳିତ ହୋଇଯାଇଛି। ରବିବାର ପୂର୍ବାହ୍ନ ୧୦ଟାରେ ଲକ୍ଷ୍ମଣନାଥର ଅଗ୍ରୱାଲା ଛକରେ ଥିବା ଭଗତ ସିଂଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଭଗତ ସିଂ ସ୍ମୃତି କମିଟିର ସଭାପତି ବସନ୍ତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ବାମପନ୍ଥୀ ନେତା ଶିଶିର ହୁଇ, ଦିଲ୍ଲୀପ ଗିରି, ସୀତାଂଶୁ ସେନାପତି, କମଳ ଚକ୍ରବର୍ତ୍ତୀ, ଏସ୍‌ଏଫ୍‌ଆଇ ବାଲେଶ୍ୱର ଜିଲା ଆବାହକ ଚନ୍ଦନ କାମିଲା, ଛାତ୍ରନେତା ବିକାଶ ବାରିକ, ମନୋରଞ୍ଜନ ଦାସ, ନିରୋଜ ବେହେରା, କବିରଞ୍ଜନ ଘୋଷ, ଚନ୍ଦନ କର, ନରେନ୍ଦ୍ର ସିଂ, ବିଦ୍ୟାଧର ପାତ୍ର, ଦିଲ୍ଲୀପ ପରିଡ଼ା, ପଲଟୁ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ: ଶିକ୍ଷକ ଗିରଫ

ବାଲେଶ୍ୱର,୨୩।୩(ବାଞ୍ଛାନିଧି ଦେ)

ଜଣେ ନବମ ଶ୍ରେଣୀର ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ବାଲେଶ୍ୱର ଜିଲା ଅନ୍ତର୍ଗତ ରୂପ୍‌ସା ଥାନା ପୋଲିସ ଅଭିଯୁକ୍ତ ଶିକ୍ଷକଙ୍କୁ ଶନିବାର ଗିରଫ କରିଛି। ଗିରଫ ଶିକ୍ଷକ ହେଲେ ବସ୍ତା ଥାନା ଗୋଠଗଡ଼ିଆ ଗ୍ରାମର ସମ୍ମିତ କୁମାର ଗୋଛାୟତ। ସେ ସ୍ଥାନୀୟ ଗୋଠଗଡ଼ିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ।

ଅଭିଯୋଗ ମୁତାବକ ସ୍ଥାନୀୟ ଅଞ୍ଚଳର ଜଣେ ନବମ ଶ୍ରେଣୀର ଛାତ୍ରୀଙ୍କୁ ସମ୍ମିତ ପୂର୍ବରୁ ଟ୍ୟୁଶନ କରିଆସୁଥିଲେ। ଶିକ୍ଷକ ଜଣକ ସମ୍ପୃକ୍ତ ଛାତ୍ରୀଙ୍କୁ ଅସଦାଚରଣ କରିବା ସହ ବିଭିନ୍ନ ସମୟରେ ଅଶ୍ଳୀଳ ଇଙ୍ଗିତ ଦେଉଥିବା ଛାତ୍ରୀଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଛାତ୍ରୀଙ୍କଠାରୁ ପରିବାର ଲୋକେ ଏହା ଜାଣିବା ପରେ ଭଦ୍ରବ୍ୟକ୍ତିଙ୍କ ମାଧ୍ୟମରେ ଉଭୟ ପରିବାର ମଧ୍ୟରେ ଆପୋଷ ସମାଧାନ ପାଇଁ ଚେଷ୍ଟା କରାଯାଇଥିଲା। କିନ୍ତୁ ଛାତ୍ରୀଙ୍କ ପରିବାର ପକ୍ଷରୁ ନ୍ୟାୟ ପାଇଁ ରୂପ୍‌ସା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ରୂପ୍‌ସା ଥାନା ଓଆଇସି ମୌସୁମୀ ମହାନ୍ତି ଘଟଣାର ତଦନ୍ତ ପୂର୍ବକ ଏକ ମାମଲା (ନଂ. ୨୦/୨୫) ରୁଜୁ କରି ଶିକ୍ଷକ ସମ୍ମିତଙ୍କୁ ଗିରଫ କରିଥିଲେ। ଗିରଫ ଶିକ୍ଷକଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି।

## ଧାନ ବିକ୍ରି ନିରୀକ୍ଷଣକଲେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି



ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଓ ଅନ୍ୟମାନ।

କେନ୍ଦୁଝର,୨୩।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନିଜ ଗ୍ରାମ ଧାନମଣ୍ଡୀ କେନ୍ଦୁଝର ଜିଲାର ପଳାଶପଙ୍ଗା ସେବା ସମବାୟ ସମିତି ପରିଦର୍ଶନ କରିଥିଲେ। ଧାନ ବିକ୍ରି କରିପାରିଥିବା ପଳାଶପଙ୍ଗା ଧାନମଣ୍ଡୀର ୧୩୯ ଜଣ ଚାଷୀ ଓ ପଦ୍ମପୁର ସେବା ସମବାୟ ସମିତିର ୧୪୪ ଚାଷୀ, ରାଇସୁଆଁ ସେବା ସମବାୟ ସମିତିର ୯୮, ନରଣପୁର ସେବା ସମବାୟ ସମିତିର ୭୨, ରଘୁନାଥପୁର ସେବା ସମବାୟ ସମିତିର ୮୦ ଓ ମଇଦାନକେଲ ସେବା ସମବାୟ ସମିତିର ୩୩ ଚାଷୀଙ୍କ କିଣା ହେବାକୁ ଥିବା ୨୫ ହଜାର ୭୯୧ କୁଇଣ୍ଟାଲ ଧାନ ମାର୍ଚ୍ଚ ୩୧ ତାରିଖ ଭିତରେ ଯୁଦ୍ଧ କାଳୀନ ଭିତ୍ତିରେ କିଣାଯିବ ବେଲେ ଉପସ୍ଥିତ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଭାଜପା କୃଷକ ମୋର୍ଚ୍ଚା ଜିଲା ସଭାପତି ଭାଗୀରଥି ସିଂ, ଜିଲା ଧାନ ସଂଗ୍ରହ କମିଟିର ସଦସ୍ୟ ପ୍ରକାଶ ସୂତ୍ରଧର, ଅତିରିକ୍ତ ଖାଦ୍ୟ ଯୋଗାଣ ଅଧିକାରୀ ବିର କିଶୋର ମାରାଣ୍ଡି, ପଳାଶପଙ୍ଗା ସେବା ସମବାୟ ସମିତି ସମ୍ପାଦକ ଅଭୟ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରାତନ ଛାତ୍ର ସଂସଦ ସମ୍ମିଳନୀ

ବାରିପଦା,୨୩।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗର ପୁରାତନ ଛାତ୍ର ସଂସଦର ସମ୍ମିଳନୀ ରବିବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ପ୍ରାଣୀ ବିଜ୍ଞାନର ମୁଖ୍ୟ ପ୍ରଫେସର ହେମନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ। ପୁରାତନ ଛାତ୍ର ସଂସଦ ବୈଠକରେ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବ ମାନ ଆଗତ ଓ ଗୃହୀତ ହୋଇଥିଲା। ବୈଠକରେ ବିଭାଗର ପ୍ରଫେସର ଡ. ପୁଷ୍ପାଞ୍ଜଳି ପରିଡ଼ା, ସହକାରୀ ଡ. କୁକୁ ମହାପାତ୍ର, ଡ. ଗାର୍ଗୀ ମହାନ୍ତି, ସାୟେଦା ଫୌଜିଆ ମାନୱାର ଓ ଜ୍ୟୋତିପ୍ରଜ୍ଞା ମାଝୀ ଉପସ୍ଥିତ ଥିଲେ। ଏହି ଅବସରରେ ପୁରାତନ ଛାତ୍ରସଂସଦର ମୁଖପତ୍ର ଉନ୍ମୋଚିତ ହୋଇଥିଲା। ପୁରାତନ ଛାତ୍ରସଂସଦର ସଭାପତି ଡ. ଗାର୍ଗୀ ମହାନ୍ତି ମୟୂରଭଞ୍ଜ ଜିଲାର ବିଭିନ୍ନ କଲେଜର ପ୍ରାଣୀବିଜ୍ଞାନ ବିଭାଗ ସହ ସହଭାଗିତାରେ ଆଲୋଚନାଚକ୍ରମାନ ଆୟୋଜନ କରିବ ବୋଲି ନିଜ ବକ୍ତବ୍ୟରେ ଦର୍ଶାଇଥିଲେ। ସମ୍ପାଦକ ଓମ ପ୍ରକାଶ ଶତପଥୀ ଏବଂ ଅନ୍ୟ ସଦସ୍ୟଗଣ ଯଥା ଡ. ଶୁଭ୍ରକାନ୍ତ ଜେନା, ଡ. ବୁଦ୍ଧଦେବ ବରାଳ, ଡ. ବିଜେତା ଦେବ, ଓଁକାର ଅନସେ, ଇପ୍ସିତା ଦାସ, ହିମାଂଶୁ ଶେଖର ସାହୁ, ଶିବ ନାରାୟଣ ମିଶ୍ର ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପୁରାତନ ଛାତ୍ରୀଛାତ୍ର ପୁରାତନ ଛାତ୍ରସଂସଦକୁ ୫୫ ହଜାର ଟଙ୍କା ଅନୁଦାନ ଆକାରରେ ପ୍ରଦାନ କରିଥିଲେ।

## ପ୍ରାଣୀବିଜ୍ଞାନ ବିଭାଗରେ ଶିକ୍ଷକ-ଅଭିଭାବକ ସାକ୍ଷାତ୍‌କାର

**ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ**

ବାରିପଦା,୨୩।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗରେ ଶିକ୍ଷକ ଅଭିଭାବକ ସାକ୍ଷାତକାର ରବିବାର ଅପରାହ୍ନ ୩ଟାରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ହେମନ୍ତ ସାହୁ ସଭାପତିତ୍ୱ କରିଥିଲେ। ବୈଠକରେ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବ ମାନ ଆଗତ ଓ ଗୃହୀତ ହୋଇଥିଲା। ବୈଠକରେ ବିଭାଗୀୟ ପ୍ରଫେସର ଡ. ପୁଷ୍ପାଞ୍ଜଳି ପରିଡ଼ା ପ୍ରାଣୀବିଜ୍ଞାନ ବିଭାଗର ପାଠ୍ୟକ୍ରମ ବିଷୟରେ ଏବଂ ସହକାରୀ ପ୍ରଫେସର ଡ. କୁକୁ ମହାପାତ୍ର ଗବେଷଣା ବିଷୟରେ ତଥ୍ୟ ରଖିବା ସହ ବିଭାଗର ଅନ୍ୟାନ୍ୟ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଶେଷରେ ସହକାରୀ ପ୍ରଫେସର ଡ. ଗାର୍ଗୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସାୟେଦା ଫୌଜିଆ ମାନୱାର ଓ ଜ୍ୟୋତିପ୍ରଜ୍ଞା ମାଝୀ ପ୍ରମୁଖ ସହଯୋଗ କରିଥିଲେ।

## ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ପାଦକଙ୍କ ବେଖାତିର

**ଡଅଁର ସେବା ସମବାୟ ସମିତି**

ହାଟଡିହୀ,୨୩।୩(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଡଅଁର ସେବା ସମବାୟ ସମିତିର ସଦସ୍ୟତା ସ୍ଥାନାନ୍ତର ମାମଲାରେ ମ୍ୟାନେଜମେଣ୍ଟ କମିଟିରେ ବର୍ତ୍ତମାନ ସ୍ଥିତାବସ୍ଥା ବଜାୟ ରଖିବାକୁ ୫ ମାର୍ଚ୍ଚ ୨୦୨୫ରେ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଜାରି କରିଥିଲେ। ଏଥିସହ ପକ୍ଷଭୁକ୍ତଙ୍କଠାରୁ ରିପୋର୍ଟ ମାଗିଥିଲେ। ସଭାପତି ଅକ୍ଷୟ ହାଇକୋର୍ଟଙ୍କ ନିର୍ଦ୍ଦେଶ କପି ପକ୍ଷଭୁକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଜାରି ହେବାର ପରଦିନ ଅର୍ଥାତ୍ ୬ ମାର୍ଚ୍ଚ ୨୦୨୫ରେ ପ୍ରଦାନ କରିଥିଲେ। ସମିତି ସମ୍ପାଦକ ଉମାକାନ୍ତ ନାୟକ ସମିତି ଅନୁଦାନ ଉଠାଣ ନିମନ୍ତେ କମିଟି ଉପସଭାପତିଙ୍କ ସ୍ପେସିମେନ୍ ସିଗ୍‌ନେଚର କପି ପ୍ରଦାନ କରିଥିବା ଏକ ଚିଠି (ନଂ. ୭୪/୪ ମାର୍ଚ୍ଚ ୨୦୨୫) କେସିସି ବ୍ୟାଙ୍କ ହାଟଡିହୀ ଶାଖା ପରିଚାଳକଙ୍କୁ ଗତ ୧୧ ମାର୍ଚ୍ଚ ୨୦୨୫ ରେ ପ୍ରଦାନ କରିଛନ୍ତି, ଯାହା ହାଇକୋର୍ଟଙ୍କ ଅବମାନନା ବୋଲି ଅଭିଯୋଗ ହୋଇଛି।

ଶାଖା ପରିଚାଳକ ରଶ୍ମିରଞ୍ଜନ ଜେନା କହିଛନ୍ତି, ଅଭିଯୋଗକାରୀ ଅକ୍ଷୟ ଧଳ କରିଥିବା ମାମଲାର ହାଇକୋର୍ଟଙ୍କ ନିର୍ଦ୍ଦେଶ କପି ପ୍ରଥମେ ପାଇଛି। ୫ ଦିନ ପରେ ସମିତି ସମ୍ପାଦକ କମିଟି ଉପସଭାପତିଙ୍କ ସ୍ପେସିମେନ୍ ସିଗ୍‌ନେଚର ସମ୍ପର୍କିତ ଚିଠି ପ୍ରଦାନ କରିଛନ୍ତି। ସମ୍ପାଦକ ନାୟକ କହିଛନ୍ତି, ଟଙ୍କା ଉଠାଣ ପାଇଁ ଏକ ଚିଠି ବ୍ୟାଙ୍କକୁ ପ୍ରଦାନ କରିଛନ୍ତି । ସମିତି ସଭାପତି ତଥା ଅଭିଯୋଗକାରୀ ଅକ୍ଷୟ ଧଳ କହିଛନ୍ତି, ସେ କମିଟିର ଡାଇରେକ୍ଟର କିମ୍ବା ସଭାପତି ନୁହନ୍ତି ବୋଲି ସମିତି ସମ୍ପାଦକ କିମ୍ବା ବିଭାଗୀୟ ଅଧିକାରୀ କୌଣସି ଚିଠି ଜାରି କରିନାହାନ୍ତି। କମିଟି ଉପସଭାପତିଙ୍କୁ ସଭାପତି ଭାବେ ଦର୍ଶାଇ ସମିତି ଅନୁଦାନ ହଡ଼ପ ପାଇଁ ସମ୍ପାଦକ ମସୁଧାକରି ବ୍ୟାଙ୍କକୁ ଚିଠି ପ୍ରଦାନ କରିଛନ୍ତି। ତେଣୁ ଏ ବାବଦରେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଡଅଁର ସମିତିରୁ ୯ ଡାଇରେକ୍ଟରଙ୍କ ସଦସ୍ୟତା କଳିଙ୍ଗା ଏବଂ ଗେଡ଼ମାକୁ ସ୍ଥାନାନ୍ତର ହୋଇଥିଲା। ୯ ଜୁନ୍ ୨୦୨୩ରେ ଡଅଁର ସମିତିରୁ ନୂତନ ସମିତିକୁ ସଦସ୍ୟତା ସ୍ଥାନାନ୍ତର ହେବା ପରେ ମଧ୍ୟ ଡାଇରେକ୍ଟରମାନେ ଡଅଁର ସମିତିର ମ୍ୟାନେଜମେଣ୍ଟ କମିଟିରେ କାର୍ଯ୍ୟ କରୁଥିଲେ। ଚଳିତ ବର୍ଷ ଜାନୁଆରୀ ୧୮ରେ ଡଅଁର ସମିତି ସମ୍ପାଦକ ଉମାକାନ୍ତ ନାୟକ ଘଟଣାକୁ ନେଇ ଆପତ୍ତି ଉଠାଇଥିଲେ। ଘଟଣା ସମ୍ପର୍କରେ ରାଜ୍ୟ ଆର୍‌ସିଏସ୍(ରେଜିଷ୍ଟ୍ରାର ଅଫ୍ କୋ-ଅପରେଟିଭ ସୋସାଇଟ୍ସ) କାର୍ଯ୍ୟାଳୟ ତରଫରୁ ଚିଠିରେ କେନ୍ଦୁଝର ଡିଆର୍‌ସିଏସ୍‌ଙ୍କୁ ଏକ ରିପୋର୍ଟ ମଗାଯାଇଥିଲା। କଳିଙ୍ଗା ଏବଂ ଗେଡ଼ମାରୁ ଡାଇରେକ୍ଟରଙ୍କର ସଦସ୍ୟତା ଡଅଁର ସମବାୟ ସମିତିକୁ ସ୍ଥାନାନ୍ତର ହୋଇଥିଲା। କିନ୍ତୁ ଡଅଁର ସମିତି ତରଫରୁ ଗ୍ରହଣ କରାଯାଇନାହିଁ।

